Weekly Multilingual
# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
RNI Regd. No. :ODIMUL/2023/89182
Rs - 5.00
ଭାଗ:୨, ସଂଖ୍ୟା: ୧୪, ଭୁବନେଶ୍ବର, ଫେବୃୟାରୀ ୧୭-୨୩, ୨୦୨୫, Vol: 2, Issue: 14, Bhubaneswar, February 17-23, 2025 Pages- 8

# କଳା'ର କଳଙ୍କ

ଉପସ୍ଥାପନା : ସୁଜାତା ଦାସ ମହାନ୍ତି

ଦୂର ଜହ୍ନରେ କଳଙ୍କ ପାଇଁ ଆଉ କେହି ବ୍ୟସ୍ତ ହେଉ ନାହାନ୍ତି କାରଣ ତାହା ଚନ୍ଦ୍ର ପୃଷ୍ଠର ଖାଲ ଢିପ ବୋଲି ପ୍ରମାଣିତ। କିନ୍ତୁ ଆଜି ଆମ ସମାଜ, ସାମାଜିକ ଚେତନା ଓ କଥାକଥିତ ବିକାଶ ଯେ କଳଙ୍କିତ ହୋଇ ଚାଲିଛି ଏକଥା ନିଶ୍ଚିତ। ସାମାଜିକ ପ୍ରାଣୀ ଏହି ମାନବର ବୌଦ୍ଧିକ ବିକାଶ ସହିତ ବିକଶିତ ହୋଇ ଉଠିଛି ତା ଭିତରର ମାନବୀୟ ପ୍ରବୃତ୍ତି। ସହଜାତ ଗୁଣ ଗୁଡ଼ିକ ସହ ସେ ଧିରେ ଧିରେ ପରିଚିତ ହେବାକୁ ଲାଗେ ଓ ସେ ତାକୁ ପ୍ରକାଶ କରିବାର ମାଧ୍ୟମ ଖୋଜି ବସେ। ମଣିଷର ସହଜାତ ସୃଜନଶୀଳତାର ପରିପ୍ରକାଶ ନିମିତ୍ତ ସୃଷ୍ଟି ହୁଏ 'କଳା'। ସ୍ରଷ୍ଟାର କଲମ, ଶିଳ୍ପୀର ନିହାଣ, କଣ୍ଠଶିଳ୍ପୀ'ର ସ୍ୱର , ହସ୍ତଶିଳ୍ପୀ'ର କର, ନୃତ୍ୟଶିଳ୍ପୀ'ର ଛନ୍ଦ, ଲୟ ଓ ତାଳ। ସର୍ବୋପରି ଅଭିନୟ କ୍ଷେତ୍ରରେ କଳାକାରର ଦକ୍ଷତା ଦର୍ଶକକୁ ସମ୍ମୋହିତ କରିବାର ସମସ୍ତ ମାଧ୍ୟମରେ କଳା କାୟା ବିସ୍ତାର କରେ। ତା ସହିତ ସମାନୁପାତିକ ଭାବେ ମଣିଷର ଆଧୁନିକ ଜୀବନ ପ୍ରବାହ ଭିତରେ ସେ ଖୋଜେ ସାମୟିକ ବିରତି। କର୍ମମୟ ଜୀବନରେ କ୍ଳାନ୍ତିର ଅପମୋଦନ ପାଇଁ ଚାହେଁ



ଶାନ୍ତି, ଆନନ୍ଦ ଆଉ ଉଲ୍ଲସିତ କିଛିଟା ମୁହୂର୍ତ୍ତ ! ତାର ଜୀବନକୁ ସରସ, ସୁନ୍ଦର, ରସମୟ କରି କର୍ମ ଦକ୍ଷତାର ଅଭିବୃଦ୍ଧି ନିମିତ୍ତ ଚାହେଁ ସାମୟିକ ମନୋରଞ୍ଜନ। କଳା, ବିଶେଷ ଭାବରେ କହିଲେ ନୃତ୍ୟ ଓ ସଙ୍ଗୀତ, କାହିଁ କେଉଁ କାଳରୁ ମଣିଷର ଏ ଅଭାବକୁ ପୂରଣ କରିବାର ପ୍ରୟାସ କରି ଆସିଛି ଓ କରୁଛି ମଧ୍ୟ। ବିଭିନ୍ନ ମଞ୍ଚ, ପ୍ରେକ୍ଷାଳୟ, ସିନେମା ହଲ୍, ମଣ୍ଡପ ଆଦିରେ ଜମିଲା ଆସର। ନୃତ୍ୟ, ଗୀତ, ଅଭିନୟର ମାଦକତାରେ ଝୁମି ଉଠିଲେ ଦର୍ଶକ ଓ ଶ୍ରୋତା। ଆଧୁନିକ ସମୟ ଏହାକୁ ଆହୁରି ସହଜ କରି ଦେଲା ମୋବାଇଲ ମାଧ୍ୟମରେ। ଯେ କୌଣସି ମାଧ୍ୟମରେ କଳା ଓ କଳାକାର ଜୀବନ୍ତ ହୋଇ ରହୁଛନ୍ତି। ମାତ୍ର ଦୁଃଖର ବିଷୟ ଏହିକି ଯେ ଦିନେ କଳାର ପୂଜା କରିବାରେ ବ୍ରତୀ କଳାକାର ଅଧୁନା ନିଜର ପୂଜା କରାଇବାରେ ବ୍ୟସ୍ତ; ତାର ଏ ସ୍ୱଭାବକୁ ସହଯୋଗ କରନ୍ତି କିଛି ମୁଣ୍ଡ ବିକା ଗଣମାଧ୍ୟମ। କଳା ନାଁ ରେ କେଳେଙ୍କେରି ଯୋଗୁଁ ଅଭିନୟ ନୁହେଁ ଅଙ୍ଗ ପ୍ରଦର୍ଶନ, ସଙ୍ଗୀତ ନୁହେଁ କିଛି ଦ୍ୱିଅର୍ଥବୋଧକ ଶବ୍ଦ ଉଚ୍ଚାରଣ କରି ବିକଟ ଚିତ୍କାରକୁ ମାନ୍ୟତା ମିଳିବାର ପରିଲକ୍ଷିତ ହୁଏ। ସିନେମା, ଯାତ୍ରା ଆଦିରେ ଆଇଟମ ଗୀତ, ରେକର୍ଡ ଡାନ୍ସ, ମେଲୋଡ଼ିରେ କିଛି ଅସହ୍ୟ ଅଙ୍ଗଭଙ୍ଗିର ପ୍ରଦର୍ଶନ ହୋଇ ଉଠିଛି ମୁଖ୍ୟ ଆକର୍ଷଣ ! ଶବ୍ଦର ପ୍ରଦୂଷଣ ଅପେକ୍ଷା ଭାଷାର ପ୍ରଦୂଷଣ ଚିନ୍ତାର କାରଣ। ସାମାଜିକ ଗଣମାଧ୍ୟମରେ ରିଲ୍ସ ପ୍ରସ୍ତୁତ କରି ନିଜକୁ ପ୍ରସିଦ୍ଧି ଦେବା ପାଇଁ କିଭଳି ନିମ୍ନ ସ୍ତରକୁ ଖସି ପାରୁଛନ୍ତି ନର-ନାରୀ ତାହା ସମସ୍ତଙ୍କୁ ଅଳ୍ପ ବହୁତ ଜ୍ଞାତ। ନଗ୍ନତା ଓ ଅନାବଶ୍ୟକ ନଗ୍ନତାର ଫରକ୍ ମାପିବା ପାଇଁ ଦର୍ଶକ ସମର୍ଥ ହେଉ ନାହାଁନ୍ତି। ଯେଉଁଠାରେ ବିଷୟବସ୍ତୁ ବଳିଷ୍ଠ ଓ ଦକ୍ଷ କଳାକାର ଅଛନ୍ତି ସେଠାରେ ଅନ୍ୟ ବିକଳ୍ପ ଅନାବଶ୍ୟକ। ଯାହା ଦିନେ ଭାରାକ୍ରାନ୍ତ ମଣିଷକୁ ଚିନ୍ତାମୁକ୍ତ କରିବାର ମାଧ୍ୟମ ଥିଲା ଆଜି ତାହା କିନ୍ତୁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ମୁମ୍ବାଇ ସିନେ-ଜଗତରୁ ଆରମ୍ଭ ହୋଇ ଗାଁ ଗହଳିର ଯାତ୍ରା ମଞ୍ଚ ଯାଏଁ ସଂକ୍ରମିତ ହୋଇ ଚାଲିଛି ଏହି ବ୍ୟଭିଚାର। ବିନା କାରଣରେ ପୋଷାକ ଖୋଲିବା, ଅଶ୍ଳୀଳ ଇଙ୍ଗିତ ଦେବା, ଅଯଥା ଯୌନ ଉଦ୍ଦୀପନା ସୃଷ୍ଟି କରୁଥିବା ଦୃଶ୍ୟ ପ୍ରସାରଣ କରିବା, ଅଶ୍ରାବ୍ୟ ଭାଷା ଉଚ୍ଚାରଣ କରିବା ସବୁ କଣ କଳାର ଭାଷା ? ଦିନ ଥିଲା ପୂର୍ଣ୍ଣ ପ୍ରେକ୍ଷୟାଳୟରେ ମଣିଷ ସପରିବାର ନେଇ ଚଳଚ୍ଚିତ୍ର ଦେଖିପାରୁଥିଲା। ପ୍ରେମ, ପ୍ରଣୟ, ଯୌବନ, ବିବାହ, ଦାମ୍ପତ୍ୟ ସବୁ କିଛିକୁ ଶାଳୀନ ଢଙ୍ଗରେ ପ୍ରଦର୍ଶନ କରାଯାଇ ପାରୁଥିଲା। ଯାତ୍ରା ମଞ୍ଚ ଥିଲା ଜୀବନ୍ତ ଅଭିନୟର ଆକର୍ଷଣ କିନ୍ତୁ ଆଜି କେବଳ ନାରୀ ଶରୀରରୁ ପୋଷାକ ଅବତରଣ ଓ ଅଶ୍ଳୀଳ ଆମନ୍ତ୍ରଣ ଯୁବ ସମାଜକୁ ଉତ୍ତେଜିତ କରି ପଥ ଭ୍ରଷ୍ଟ କରିବାର ଭିନ୍ନ ଏକ ବଳିଷ୍ଠ କାରଣ। ଏକ ବିଶୃଙ୍ଖଳିତ ଯୌନ ଆଚରଣକୁ ନେଇ ଯେଭଳି ଭାବରେ କଥାକଥିତ କଳାକାର ଓ ମଞ୍ଚ, ମଞ୍ଚ ମଧ୍ୟରେ ପ୍ରତିଯୋଗିତା ଚାଲିଛି ଏହାର ଭବିଷ୍ୟତ ଯେ କେତେ

> ➤ କଳା ନାଆଁ ରେ କେଳେଙ୍କେରି
>
> ➤ ଅଭିନୟ ନୁହେଁ ଅଙ୍ଗ ପ୍ରଦର୍ଶନ
>
> ➤ ସଙ୍ଗୀତ ନୁହେଁ ଦ୍ୱିଅର୍ଥବୋଧକ ଶବ୍ଦ
>
> ➤ ଶବ୍ଦର ପ୍ରଦୂଷଣ ଅପେକ୍ଷା ଭାଷାର ପ୍ରଦୂଷଣ ଚିନ୍ତାର କାରଣ

ଭୟଙ୍କର ତା କଳ୍ପନା ବାହାରେ। ନିଜର ସ୍ୱାର୍ଥ ପାଇଁ, ଅର୍ଥ ଓ ପ୍ରସିଦ୍ଧି ପାଇଁ ଏଭଳି କାର୍ଯ୍ୟକୁ ଅଭିନୟ କିମ୍ବା କଳା ନୁହେଁ ବରଂ ନିଜର ଅସନ୍ତୁଳିତ ଆଦିମ ପ୍ରବୃତ୍ତି, ଅନିୟନ୍ତ୍ରିତ ଯୌନ ଜୀବନ, ବିକାର ଗ୍ରସ୍ତ ମାନସିକ ଅବସ୍ଥା ବୋଲି କୁହାଯାଇପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିକୃତିକୁ ବିକ୍ରୟ କରି ଆତ୍ମସନ୍ତୋଷ ଲଭିବାର ଚେଷ୍ଟାରେ ସଭିଏଁ ଚେଷ୍ଟିତ। ଏହାକୁ ପୋଷଣ ଯୋଗାଉଥିବା ମଞ୍ଚ, ସେନ୍ସର୍ ବୋର୍ଡ, ବିଭିନ୍ନ କମିଟି ସର୍ବୋପରି ନିଜର ସମୟ, ଅର୍ଥ, ସମ୍ମାନ ଖର୍ଚ୍ଚ କରି ପ୍ରଶଂସା କରୁଥିବା ଜନତା ଭବିଷ୍ୟତରେ ନିଜକୁ ନିଜେ କ୍ଷମା କରି ପାରିବେ ତ ? ଏକ ବିକଟାଳ ବାତାବରଣରେ ସମସ୍ତଙ୍କର ଶ୍ୱାସ ରୁଦ୍ଧ ହୋଇ ଚାଲିଛି ! ରାସ୍ତା ଘାଟ ଠାରୁ ମଞ୍ଚ ଯାଏଁ, ସାମାଜିକ ଗଣମାଧ୍ୟମ ଠାରୁ ଆମ ସମାଜ ଯାଏଁ ଆମ ସମ୍ମାନ ସୁରକ୍ଷିତ ବୋଲି ଆମେ ଭାବୁଛନ୍ତି କି ? ଦିନ ଆସିବ ଯେତେବେଳେ କୌଣସି





ସମ୍ମାନନୀୟ ବ୍ୟକ୍ତି କଳା ଜଗତର ନାଁ ଶୁଣି ଘୃଣାରେ ନାକ ଟେକି ବାଟ ଭାଙ୍ଗି ଚାଲିଯିବ; ସେ ସମୟ ଆଉ କେତେ ଦୂର ? ଯେତେବେଳେ ଗ୍ୟାଲେରୀ ଦର୍ଶକ ଶୂନ୍ୟ ହୋଇ ଉଠିବ ସେତେବେଳେ କିଏ, କେଉଁଠି, କାହାପାଇଁ କଣ ପ୍ରଦର୍ଶନ କରିବ ? କାରଣ ଏହା ଆମୋଦ ଦେବା ପରିବର୍ତ୍ତେ ପ୍ରମାଦ ହେଇସାରିଲାଣି। ସଂପ୍ରତି କଳା'ର କଳଙ୍କ ଜୀବନକୁ ଅସୁରକ୍ଷିତ କରିବାରେ ବେଶୀ କାର୍ଯ୍ୟ କରୁଛି। ଯୁବ ପିଢ଼ିଙ୍କ କଥା ଛାଡ଼ି ଦିଆଯାଉ; ଚାକଚକ୍ୟ ଓ ଅର୍ଥର ମାୟା ଫାସରେ ଆଜି ଆବାଳ ବୃଦ୍ଧ ବନିତା ପାଗଳ। କୂଳବଧୁଙ୍କ କେଶ ବଡ଼ ବିପର୍ଯ୍ୟସ୍ତ, ଏ ମାୟା ଜଗତର ମାୟା ଆମ ସମାଜରେ ବିସ୍ତାର କରି ସାରିଛି ତାର ବିଶାଳ କାୟା, ଯାହାର ଦୁଷ୍ପରିଣତି'ର ଶୀକାର ଆମେ ସମସ୍ତେ। ସମାଜର ଆର୍ଥିକ ସ୍ଥିତି, ବୌଦ୍ଧିକ ବିକାଶ, ପାରିବାରିକ ଶୃଙ୍ଖଳା, ସାମାଜିକ, ରାଜନୈତିକ ଦାୟୀତ୍ୱବୋଧ, ସମ୍ପର୍କ ଓ ସମ୍ବନ୍ଧର ସୌଜନ୍ୟ ଏସବୁ ଭୁଷୁଡ଼ି ଗଲାଣି ଧୀରେ ଧୀରେ। ବ୍ୟକ୍ତିର ବ୍ୟକ୍ତିତ୍ୱ ବିକୃତ ହେବାରେ ଲାଗିଛି। ଖୁବ୍ କମ୍ ଦିନ ରହିଲା ଆମେ ନିଜକୁ ସାମାଜିକ ପ୍ରାଣୀ କହିବାକୁ ଅଯୋଗ୍ୟ ହୋଇ ଉଠିବା।

ତେଣୁ ଯେଉଁ କଳା ଆମ ସଂସ୍କୃତିର ଏକ ବଳିଷ୍ଠ ଅଙ୍ଗ, ତାହାର ସମ୍ମାନ ରକ୍ଷା କରିବା ଏକ ପରମ କର୍ତ୍ତବ୍ୟ। କଳାକାରର ବଳିଷ୍ଠ ଅଭିନୟରେ, କଣ୍ଠସ୍ୱରରେ, ନୃତ୍ୟଶିଳ୍ପୀର ସାଧନାର ଉତ୍କୃଷ୍ଟ ପ୍ରଦର୍ଶନରେ ଦର୍ଶକ ଏବଂ ଶ୍ରୋତା ପ୍ରଶଂସା ଅଜାଡି ଦେବେ। ସମାଜର ସବୁ ବର୍ଗ ଏ ଦିଗକୁ ଧ୍ୟାନ ଦେବା ଆବଶ୍ୟକ। ଏସବୁ ବ୍ୟଭିଚାରକୁ ରୋକିବା ପାଇଁ ଶକ୍ତ ଆଇନ୍ ପ୍ରଣୟନ ସହ ପରିପାଳନର ଆବଶ୍ୟକତା ରହିଛି। ବିଶେଷ କରି ନାରୀ ସମାଜ, ବିଭିନ୍ନ ନାରୀ ସଂଗଠନ, ଛାତ୍ର ସଙ୍ଗଠନ ତରଫରୁ ଦୃଢ଼ ପଦକ୍ଷେପ ନେବା ମଧ୍ୟ ନିତାନ୍ତ ଜରୁରୀ। ଧର୍ମ ଓ ଆଧ୍ୟାତ୍ମିକତାର ଚରମ ସ୍ପର୍ଶ ପାଇଥିବା ଭାରତୀୟ ସଂସ୍କୃତି ଚିର ନମସ୍ୟ। ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର କଳାକୁ ବିପନ୍ନ ଅବସ୍ଥାରୁ ଉଦ୍ଧାରିବା ଆବଶ୍ୟକ ପଡିଲାଣି। କାଳ ବିଳମ୍ବ ନକରି କଳାକୁ ସରସ୍ୱତୀଙ୍କ ପୂଜା ରୂପେ ଆରାଧନା କରି କଳାର କଳଙ୍କ'କୁ ପୋଛିବା ! ନୂଆ ଅଧ୍ୟାୟର ଅୟମାରମ୍ଭ ସହିତ କଳାର ଜୟ ଗାନ କରିବା।

ମୋ: ୬୩୭୦୨ ୯୪୧୩୮



# ଶ୍ରମଦାନ ଓ କର୍ତ୍ତବ୍ୟ ପ୍ରବଣତାରେ ଅଭାବବୋଧ



ପ୍ରଦୋଷ କୁମାର ଦାସ

ଶ୍ରୀମଦ ଭଗବତ୍ ଗୀତା ର ତୃତୀୟ ଅଧ୍ୟାୟ ଅନ୍ତର୍ଗତ ଶ୍ଲୋକ-୮ରେ ଭଗବାନ ଶ୍ରୀକୃଷ୍ଣ ନିଜର ପ୍ରିୟ ସଖା ଅର୍ଜୁନଙ୍କୁ ବୁଝାଇ କହିଛନ୍ତି,

'ନିୟତଂ କୁରୁ କର୍ମତ୍ୱଂ, କର୍ମଜ୍ୟାୟୋ ହ୍ୟକର୍ମଣହ
ଶରୀରଯାତ୍ରାପି ତ ତେ ,ନ ପ୍ରସିଦ୍ଧେଦକର୍ମଣହ'

ଅର୍ଥାତ୍ , ହେ ସଖା, ତୁମେ କର୍ମ ଯୋଗରେ ମନ ଦିଅ । କାରଣ କର୍ମ ଯୋଗ ହେତୁ ଏ ଶରୀର ତିଷ୍ଠି ରହିଅଛି ।

ଦୁଃଖ ଓ ପରିତାପର ବିଷୟ, ଏବେ ମଣିଷ ଶ୍ରମ କୁଣ୍ଠ ଓ କର୍ମ କୁଣ୍ଠ ହୋଇ ସୁବିଧାବାଦୀ ଜୀବନ ବିତାଇବାକୁ ଭାରି ବ୍ୟଗ୍ର । ପରଜୀବୀ ସମାନ ମୋଫତରେ କାର୍ଯ୍ୟ ହାସଲ କରିବାର ରୁଚି ରଖି ଏକ ପ୍ରକାର ଶ୍ରମ ରହିତ ଅପାଂକ୍ତେୟ ଜୀବନକୁ ଉପଭୋଗ କରିବାକୁ ଗଭୀର ଆଶାବାଦୀ । ଆପଣା କର୍ତ୍ତବ୍ୟ କର୍ମ ଉପରେ ଆଧାରିତ ଉପାର୍ଜନ କରିବାକୁ ଶଠ ମଣିଷଟି ଆଜିକାଲି ବହୁ ସଂଖ୍ୟାରେ ବିଶେଷ ଅମନଯୋଗୀ । ପରଶ୍ରୀକାତର ମଣିଷଟି ନିଜର ଦକ୍ଷତା ହାସଲ କରି ଉପାର୍ଜନ କରିବାରେ ଏବେ ଭାରି ଉଦାସୀନ ମନୋଭାବ ପୋଷଣ କରୁଥିବା ଦେଖାଯାଏ । କ୍ରମଶଃ ଶ୍ରମ ଉଦାସୀନ ମଣିଷଟି ଦୈନନ୍ଦିନ ଜୀବନରେ ନିଜର କର୍ତ୍ତବ୍ୟ କର୍ମକୁ କାର୍ଯ୍ୟରେ ରୁପାୟନ କରିବାରେ ନିଷ୍କ୍ରିୟ ହୋଇଯାଉଛି । ସେ ଜାଣିପାରୁନି, ଏହାର ପ୍ରଭାବରେ ଯେତିକି ଅନ୍ୟ ନିର୍ଭରଶୀଳ ହିତାଧିକାରୀଗଣ ପ୍ରଭାବିତ ହୋଇଥାନ୍ତି, ତତୋଧିକ ସ୍ୱୟଂ ନିଜେ ମଧ୍ୟ ପରୋକ୍ଷରେ ଏହା ବୁମେରାଂ ଭଳି ଗଭୀର ଭାବରେ ପ୍ରଭାବିତ । ଶ୍ରମରେ ଆବଶ୍ୟକ ରୁଚି ରଖିପାରୁନଥିବା ହତଭାଗ୍ୟ ମଣିଷଟି ଜାଣିବ ବା କାହୁଁ,

' ଆପଣା ହସ୍ତେ ଜିହ୍ୱା ଛେଦି, କେ କରିପାରିବ ତାର ପ୍ରତିବାଦୀ ।'

କାମ ନକରିଲେ କଦାଚିତ ଏହି ଶରୀର ତିଷ୍ଠିବା ମଧ୍ୟ ଅସମ୍ଭବ ଅଟେ । ଶରୀର ଚାଳନା କରି ନପାରିଲେ ମଣିଷ ହେବ ମୃତ ସମାନ । ସମୟୋପଯୋଗୀ କାମ କରିନପାରିଲେ ଶରୀର ଅବିଳମ୍ବେ ରୋଗ ବ୍ୟାଧି ଜରାଗ୍ରସ୍ତ କବଳିତ ହୋଇଯିବ । ହେଲେ ଅଜ୍ଞାନୀ ମଣିଷଟି ନିଜର କର୍ମମୟ ଜୀବନକୁ ଚଳଚଞ୍ଚଳ ରଖିପାରିଲେ ସିନା ଜୀବନଟି ସରସ ସୁନ୍ଦର ହୋଇପାରିବ ! କିନ୍ତୁ, ଅଳସୁଆ, ଠକ ଓ ଶଠ ମଣିଷର ଶ୍ରମ କୁଣ୍ଠତାରୁ ସକଳ ସୁସ୍ଥତା ଓ ସୁଖ ସମୃଦ୍ଧିର ଜୀବନ ନିହିତ ଅଟେ ବୋଲି ତାର ତର୍ଜମା ନାହିଁ କହିଲେ ଚଳେ । କାହିଁକି କେଜାଣି, ସମୟକ୍ରମେ ମଣିଷଟି ଆପଣା କର୍ତ୍ତବ୍ୟ କର୍ମ ସମ୍ପାଦନରେ ବେଶ ନିରୁତ୍ସାହିତ ? ଏବେ କଠିନ କାମ କରିବାକୁ ମଜୁରୀଆ ମିଳୁନାହାନ୍ତି । ଯଦି କୌଣସି ବିଲବାଡ଼ି , ଗୃହ ନିର୍ମାଣ କାର୍ଯ୍ୟର ମୂଳ ମଜୁରୀଆ, ଅନ୍ୟାନ୍ୟ କୁଶଳୀ ଅର୍ଦ୍ଧକୁଶଳୀ ଶ୍ରମିକଙ୍କର ଖୋଜା/ ଲୋଡା ପଡ଼ିଥାଏ, ତେବେ ମୂଳ ମଜୁରୀଆ, ଶ୍ରମିକଙ୍କର ପ୍ରଥମ ପ୍ରଶ୍ନରେ, କେଉଁ କାମ? କଠିନ କାମ ଶୁଣିଲେ ମୁହଁ ଫେରେଇ ନିଅନ୍ତି । କଠିନ କାମ ହୋଇଥିଲେ ଶ୍ରମିକ ଟି ଆଳ ଦେଖାଇ ମଜୁରି ଖଟିବାକୁ ଅମଙ୍ଗ ହୋଇଥାଏ । ଶେଷରେ ମଜୁଆଟିକୁ ଗୋଡହାତ ଧରି ଲୋଭ ଦେଖାଇ କାମରେ ଲଗାଇବାକୁ ପଡ଼ିଥାଏ । ଆଜିକାଲି ମୂଳ ମଜୁରିଆଙ୍କର ମଜୁରି ଖଟିବାର ଅଜ୍ଞ ଓକିଲାତି ଶୁଣିଲେ ମଧ୍ୟ ଅସହାୟ ଲାଗେ । ଶ୍ରମିକ ଅନ୍ୱେଷଣକାରୀ ମାଲିକଟି ଚଢା ମଜୁରି ସହିତ ଅତିଥି ସତ୍କାର କରି ମଧ୍ୟ ଅନେକ କ୍ଷେତ୍ରରେ ନିଜର ଆବଶ୍ୟକ କର୍ମ ସମ୍ପାଦନରେ ଅସମର୍ଥ ହୋଇପଡେ । ମାଲିକ ଟିକୁ ଉଭୟ ଅର୍ଥ ଓ ସମୟ ଶ୍ରାନ୍ତ କରି କାମଟିକୁ କିପରି ସାରିବା ନ୍ୟାୟରେ ଦିନେ ଦୁଇ ଦିନର କାମକୁ ପାଞ୍ଚ ଦିନରେ ସମ୍ପାଦନ କରାଇବାକୁ ବାଧ ହୋଇଥାଏ । ଅନ୍ୟ ପକ୍ଷରେ ମଧ୍ୟ କେତେକ ମୁଷ୍ଟିମେୟ ନ୍ୟସ୍ତ ସ୍ୱାର୍ଥ ହାସଲକାରୀ ମାଲିକ ମଧ୍ୟ କେତେକ କ୍ଷେତ୍ରରେ ଉପାର୍ଜନ ଆଶାୟୀ ଅସହାୟ ଶ୍ରମିକଟିର ଅସହାୟତା ର ଫାଇଦା ଉଠାଇ ତାକୁ ଫନ୍ଦି ଫିକରେ ଉଚିତ କର୍ମ କୁ ଉଚିତ୍ ମଜୁରୀ ଦେବାରେ ଟାଳଟୁଳ କରି ଶ୍ରମ ଶୋଷଣର ଉଦାହରଣ ପାଲଟିଥାଏ । ଉଭୟ କ୍ଷେତ୍ରରେ ଶ୍ରମିକ ଓ ଶ୍ରମ ବିନିଯୋଗ କାରୀଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଓ ବିଶ୍ୱାସ ଭାଜନର ଅଭାବରୁ ବିସଙ୍ଗତି ପରିଲକ୍ଷିତ ହୁଏ ।

ଆପଣ ନିଜକୁ ତଥା ନିଜ ନିଜ ଜ୍ଞାତି ପରିବାର ପରିଜନଙ୍କର ଶ୍ରମ କୁଣ୍ଠ ଜୀବନ କୁ ଟିକିଏ ନିରିଖେଇ ଦେଖନ୍ତୁ ତ ! ଘରେ ଘରେ ଅନେକ ଏପରି ସୁବିଧାବାଦୀ ସଦସ୍ୟ ରହିଥିବେ, ଆପଣା ଘରୋଇ କର୍ମ ସମ୍ପାଦନରେ ଆବଶ୍ୟକ ଶ୍ରମ ବିନିଯୋଗ କରି ଶ୍ରମ ଝାଳ କାଢ଼ିବାକୁ ଆଗ୍ରହର ଅଭାବ ରଖୁଥିବା ବିଶେଷ ଅନୁଭବନୀୟ । ଘରେ ଅବା ସାଙ୍ଗଠନିକ କ୍ଷେତ୍ରରେ ଯିଏ ଖଟୁଥିବତ ଖଟୁଥିବ । ସୁବିଧାବାଧି କିଛି ବ୍ୟକ୍ତି ସହଯୋଗ ର ମାନସିକତା ମଧ୍ୟ ରଖୁନଥିବେ । ଶୀତ ଖରା ବର୍ଷାରେ ଘରେ ବର୍ଷ ତମାମ ମହିଳାଟିଏ ସାରା ପରିବାର ପାଇଁ ଅବିରତ ରନ୍ଧନ କାର୍ଯ୍ୟ ସମ୍ପାଦନ କରି ସମସ୍ତଙ୍କର ମନ ଜାଣି ଖାଦ୍ୟ ପରିବେଷଣ କରିଥାଏ । ଏଥି ସହିତ ସମସ୍ତଙ୍କ ର ବାସନ ମାଜିବା ମାଜିବା ପରେ ମଧ୍ୟ ତାଙ୍କ କଥା କେହି ବୁଝୁନଥିବେ । ଏପରିକି ତାଙ୍କର ସାରା ଘର ପାଇଁ ଶ୍ରମର ଚାପ ସମ୍ଭାଳିବାକୁ ଅନେକ ହେୟ ଜ୍ଞାନ କରିବା ପରିଲକ୍ଷିତ ହୋଇଥାଏ । ଘରେ ସକ୍ଷମ ସଦସ୍ୟ ଟିଏ ଯଦି ଘରର ଦୈନନ୍ଦିନ କର୍ମମୟ ଜୀବନରେ ଆବଶ୍ୟକ ବିଭିନ୍ନ କର୍ତ୍ତବ୍ୟ କର୍ମ ସମ୍ପାଦନରେ ସହଯୋଗ କରିବାକୁ ଆଗ୍ରହ ରଖିପାରନ୍ତେ, ତେବେ ଆବଶ୍ୟକ ଯେକୌଣସି ଶ୍ରମଟି ଅବିଳମ୍ବେ ସମୁଚିତ ଓ ସୁଲଭ ଉପାୟରେ ସମ୍ପାଦନ କରିବାରେ କାହାରିକୁ କେବେ ବୋଝ ଲାଗନ୍ତା ନାହିଁ । ଏଥିରେ ପାରସ୍ପରିକ ଉତ୍ତମ ବୁଝାମଣାର ବାତାବରଣ ସୃଷ୍ଟି ହୋଇପାରନ୍ତା । ଶ୍ରମକୁଣ୍ଠ ଲୋକଙ୍କ ପାଖରେ ସେହି ମାନସିକତା ଆସିବ ବା କାହୁଁ ?

ଅନେକ ସରକାରୀ/ ବେସରକାରୀ ଅନୁଷ୍ଠାନ,ବ୍ୟାଙ୍କ ଆଦି ବିଭିନ୍ନ ସେବା ପ୍ରଦାନକାରୀ ସଂସ୍ଥା/ ପ୍ରତିଷ୍ଠାନରେ ନିୟୋଜିତ ବିଭିନ୍ନ କର୍ମଜୀବୀ କର୍ମଚାରୀ ଦରମା ପାଇ ମଧ୍ୟ ନିଜର ସାମର୍ଥ୍ୟ ତଥା ଦାୟିତ୍ୱ ଅନୁସାରେ ସମୟ ଉପଯୋଗୀ ସେବା ପ୍ରଦାନ କରିବାରେ ବେପରୁଆ ମନୋଭାବ ପୋଷଣ କରିଥାନ୍ତି । ସେବା ଉପଲବ୍ଧ ଥାଇ ମଧ୍ୟ ଦୂରଦୂରାନ୍ତର ହିତାଧିକାରୀ ଟିଏକୁ ମଧ୍ୟ ଦିନକର କାମଟିଏ ପାଇଁ ଏକାଧିକବାର ଅଫିସରୁ ଅଫିସ ଦୌଡିବାକୁ ପଡୁଛି । କେତେକ ସେବା ପ୍ରଦାନକାରୀ ସଂସ୍ଥାରେ ଆପଣା ହକର / ନ୍ୟାୟର ସେବା ପ୍ରାପ୍ତି ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ସମୟ କାଟୁଥିବା ଦେଖିବାକୁ ମିଳେ ।

ସମସ୍ତେ କଥା କଥାରେ କୁହନ୍ତି, ଓଡ଼ିଶା, କ'ଣ ପ୍ରତି ରାଜ୍ୟ ତଥା ଆମର ସାରା ଦେଶରେ ଗରିବୀ ରହିଛି । ଅଭାବ ଅନଟନ ରହିଛି । ହେଲେ ସକ୍ଷମତା ଥାଇ ଶ୍ରମ କୁଣ୍ଠ, କର୍ମ ଉଦାସୀନ ବ୍ୟକ୍ତି ବିଶେଷଙ୍କ ପାଇଁ ଏହି ଆର୍ଥିକ ଅଭାବୋବଧତା ପାଇଁ ଆଜି ସାରା ଦେଶ ହୁଏତ ଅନେକାଂଶରେ ପ୍ରଭାବିତ । ଏହା ଆପଣା ଶ୍ରମ ଓ ଜ୍ଞାନର ଉପଯୋଗ କରି ଆଶାୟୀ ଯେକେହି ଆପଣାର ରୋଜଗାରକୁ ପାଥେୟ କରି ସ୍ୱ ଅର୍ଜିତ ଅର୍ଥ ଅପାର୍ଜନକାରୀଟିଏ ଯଦି ନିଜର ଶ୍ରମ ବିନିଯୋଗିତାରେ ସ୍ୱାଭିମାନ ରଖିପାରନ୍ତା, ତେବେ ଦେଶର ଆର୍ଥିକ ପ୍ରଗତି ରେ ନିଶ୍ଚୟ ସୁଧାର ଆସିବ ସହିତ ସମୃଦ୍ଧି ଲାଭ କରି ପାରନ୍ତା । ତେବେ ସବୁଠାରୁ ଚିନ୍ତା ର ବିଷୟ, ଅନେକ କ୍ଷେତ୍ରରେ ଶ୍ରମର ହରିଲୁଟ ହେଉଛି । ଏହି କାରଣରୁ ଅନେକ କ୍ଷେତ୍ରରେ ତଦନୁରୂପ ଶ୍ରମ କୁଣ୍ଠାର ମଧ୍ୟ ପରିଲକ୍ଷିତ ହେଉଛି । ଶ୍ରମ ସମ୍ପାଦନ ଓ ଏହାର ସୁବିନିଯୋଗ ସହିତ ଶ୍ରମିକୁ ଉଚିତ ପ୍ରାପ୍ୟ ପ୍ରଦାନ ପାଇଁ ପାରସ୍ପରିକ ବୁଝାମଣା ଓ ନ୍ୟାୟ ନରହିପାରିଲେ ସାଧାରଣତରେ ଦାରିଦ୍ର୍ୟତା ଦେଖାଯିବା ନିସଂଦେହ । ଅପରପକ୍ଷରେ ସକ୍ଷମ ମଣିଷଟିଏ ଯଦି ଇଚ୍ଛାଶକ୍ତିର ଅଭାବ ବୋଧତା ରଖିବ, ତାର ଯଦି ସୁବିଧାବାଦୀ ମାନସିକତା ରହିବ, ତତ୍କାଳ ଉପାର୍ଜନ ପାଇଁ ବ୍ୟାକୁଳତା ରହିବ, ଶ୍ରମ ନକରି ଅନ୍ୟ ଉପରେ ଅଯଥାରେ ନିର୍ଭରଶୀଳ ହୋଇଯିବ, ତେବେ ତାହା କାହାର ପ୍ରଗତିର କାରଣ ହେବନାହିଁ । ସରକାର ଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ଫାଇଦା ଉଠାଇ ରାଜନୈତିକ ଛତ୍ର ଛାୟା ତଳେ ରହି ସୁବିଧା ହାସଲକାରୀ ଅଯୋଗ୍ୟ ହିତାଧୀକାରୀ ଏବେ ଆଗ ଧାଡିରେ କର୍ମ କୁଣ୍ଠ ଓ ଶ୍ରମ କୁଣ୍ଠ ବ୍ୟକ୍ତି ବିଶେଷ । ଏବେ ସେହି ମାଗଣା ମାନସିକଧାରୀଙ୍କ ଲଜ୍ଜାହୀନତା କାରଣରୁ ଆଜି ସବୁଠାରେ ଶ୍ରମଜୀବୀ ଙ୍କ କୃତ୍ରିମ ଅଭାବକୁ ସମସ୍ତେ ମର୍ମେ ମର୍ମେ ଅନୁଭବ କରୁଥିବେ । ହିତାଧିକାରୀ ଅସହାୟ ମଣିଷଟି ପାଇଁ ସରକାରୀ ସ୍ତରରେ ଉଦ୍ଦିଷ୍ଟ ଜନକଲ୍ୟାଣ ଯୋଜନାଟି ଉପଲବଧ କରାଇ ଏହାର ସଠିକ ରୁପାୟନରେ କେତେଜଣ ନିଜର ସକ୍ଷମତା ପ୍ରତିପାଦନ କରିଛନ୍ତି , ତାହା ହୁଏତ ଆଦର୍ଶସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ସମ୍ବଖ୍ୟା ହାତଗଣତି ହୋଇପାରେ । କାହିଁକି ଆମେମାନେ ଏତେ ଅସହାୟ ଓ ଅଯଥାରେ ପରଶ୍ରୀକାତର, ସୁବିଧାବାଦୀ ? ଅଯଥାରେ ଅଭାବବୋଧତାରେ ଅହରହ ସନ୍ତୁଳିତ ? ତାହା କ'ଣ ଆପଣା ବିବେକକୁ ଦହନ କରୁନାହିଁ କି ?!

ଏହା ନିଶ୍ଚିତ ଭାବରେ ଗୋଟିଏ ରାଷ୍ଟ୍ର ର ପ୍ରଗତି ରେ ବାଧକ ସୃଷ୍ଟି କରିବା ନିଃସନ୍ଦେହ । ଆଳସ୍ୟ ବର୍ଜିତ ହୋଇ ନିରନ୍ତର ଶ୍ରମ ପ୍ରକ୍ରିୟା ଜାରି ରଖି ଆପଣା ସକ୍ଷମାନୁସାରେ ଶ୍ରମଶକ୍ତିର ବିନିଯୋଗ ଓ ସ୍ୱାଭିମାନ ରକ୍ଷା ପାଇଁ ସ୍ୱ ଅର୍ଜିତ ଉପାର୍ଜନ ଦିଗରେ ମନୋନିବେଶ କରିପାରିଲେ ଏହା ହୁଏତ ଆପଣା ସୁସ୍ଥ ସୁଖି ସମୃଦ୍ଧ ଜୀବନ ରକ୍ଷାର ଅଧିକାରୀ ହୋଇପାରିବ । ଦେଶର ଅର୍ଥନୈତିକ କଲ୍ୟାଣ ଓ ହିତ ପାଇଁ ସମସ୍ତେ ସଂଗଠିତ ଉପାୟରେ ଆମ ସମସ୍ତଙ୍କୁ ଏଦିଗରେ ଆବଶ୍ୟକ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ୟମ କରିବାକୁ ହେବ । ଏଣୁ ଭାଗବତ ବାଣୀ ଅନୁସାରେ କର୍ମ ଯୋଗୀ ହୋଇ କର୍ମରେ ବିଶ୍ୱାସ ରଖି ଆମେ ସମସ୍ତେ ପଲ୍ଲୀ ଠାରୁ ଦିଲ୍ଲୀ, ଗ୍ରାମାଞ୍ଚଳରୁ ସହରାଞ୍ଚଳ କର୍ମ ତତ୍ପର ହେବାକୁ ପଡିବ । ଏହାକୁ ଆହ୍ୱାନ ଭାବେ ଗ୍ରହଣ କରି କର୍ମ ଓ ଶ୍ରମ କୁଣ୍ଠ ନହୋଇ କର୍ମଯୋଗରେ ନିଜକୁ ନିରତ ନିୟୋଜିତ କରାଇ ଆବଶ୍ୟକ ଶ୍ରମର ଦକ୍ଷତା ମୁତାବକ ଏହାର ଜୟ ବିନିଯୋଗ କରି ଉପାର୍ଜନ କରିବାକୁ ହେବ । ନିଜର କର୍ତ୍ତବ୍ୟ କର୍ମ ଆଧାରିତ ଦାୟିତ୍ୱ ବୋଧତା ଉପରେ ବିଶ୍ୱାସ ଆଣିବାକୁ ହେବ ।

**ଜୟ ନିରତ ନିରନ୍ତର କର୍ମ ।।**
**ଜୟ ଜୀବନର ଧର୍ମ ॥**

ନାଚୁଣୀ, ଖୋର୍ଦ୍ଧା,
ଫୋନ୍:-୬୩୭୦୪୯୫୯୪୪
mailpariprakas@gmail.com

# ଅହିନକୁଳ ସମ୍ପର୍କ




କାର୍ତ୍ତିକ ଚନ୍ଦ୍ର ପଣ୍ଡା

ବୈଚିତ୍ରମୟ ସୃଷ୍ଟିରେ ସାପ ଓ ନେଉଳ ଉଭୟ ପରସ୍ପରର ଶତ୍ରୁ ଅଟନ୍ତି । ସହଜାତ ଜାତ ପ୍ରବୃତ୍ତି ଆଧାରରେ ଦୈବାତ୍ ଉଭୟଙ୍କର ଦେଖା ହୋଇଗଲେ, ସଂଘର୍ଷ ଅନିର୍ବାଯ୍ୟ ହୋଇପଡ଼େ ତେବେ ନେଉଳର ଜିତିବାର ସମ୍ଭାବନା ଅଧିକ ଥାଏ । ଅଶୀ ପ୍ରତିଶତ କ୍ଷେତ୍ରରେ ନେଉଳ, ସାପକୁ ମାରି ଖାଇଦିଏ । ବେଳେବେଳେ ଯୁଦ୍ଧ ଅମୀମାଂସିତ ରହେ । ପ୍ରବଳ ଆକ୍ରମଣ, ପ୍ରତି ଆକ୍ରମଣ ସତ୍ତ୍ୱେ, ଜଣେ ଯୁଦ୍ଧରୁ ହାରି ପଳାୟନ କରେ । ବେଳେବେଳେ ବିଷାକ୍ତ ସର୍ପ ଦଂଶନରେ ମୃତ୍ୟୁବରଣ କରି ନେଉଳ, ସାପର ଶୀକାର ହୋଇଯାଏ । ଭୟଙ୍କର ଯୁଦ୍ଧରେ ଉଭୟଙ୍କର ମୃତ୍ୟୁ ହେବାର ଦୃଷ୍ଟାନ୍ତ ବି ରହିଛି ।

ନେଉଳ ଏକ ମୁଖ୍ୟତଃ ମାଂଶାହାରୀ ସ୍ତନ୍ୟପ୍ରାୟୀ ପ୍ରାଣୀ । ଏମାନେ କୀଟପତଙ୍ଗ ଯଥା ଜିଆ, ଝିଟିପିଟି, ଅସରପା, ବିଛା, କଙ୍କଡାବିଛା, ଝିଣ୍ଟିକା, ବେଙ୍ଗ, ମୂଷା, କଙ୍କଡା, ଗେଣ୍ଡା, ମାଛ, ଆଦି ଶିକାର କରନ୍ତି । ଅଣ୍ଡା ଏମାନଙ୍କ ପ୍ରିୟ ଖାଦ୍ୟ । ଦୁଇ ପଞ୍ଝାରେ ଅଣ୍ଡାକୁ ଧରି, ଶକ୍ତ ଚଟାଣ ଅଥବା ପଥରରେ ଫିଙ୍ଗି ଖାଇଥାନ୍ତି । କୁମ୍ଭୀର ଓ ସାପଅଣ୍ଡା ବ୍ୟତୀତ ଏମାନେ ଗଛ ଉପରକୁ ଚଢ଼ିଯାଇ ପକ୍ଷୀ-ଅଣ୍ଡାକୁ ଖାଦ୍ୟ ରୂପେ ଗ୍ରହଣ କରନ୍ତି । ନେଉଳର ଶାରୀରିକ ଗଠନ ଶୀକାର ଉପଯୋଗୀ ହୋଇଥାଏ । ଆଶ୍ଚର୍ଯ୍ୟ ଜନକ ଭାବେ କ୍ଷୀପ୍ର ଗତି, ତୀକ୍ଷ୍ଣ ଓ ଶକ୍ତିଶାଳୀପଞ୍ଝା ଯୋଗୁଁ ନେଉଳର ପ୍ରାୟ ସମସ୍ତ ଶୀକାର ସଫଳ ହୁଏ ।

ବେଳେବେଳେ ଏହା ଫଳ, ପନିପରିବା, ଖାଦ୍ୟଶସ୍ୟକୁ ମଧ୍ୟ ଖାଇଥାଏ । ଘଞ୍ଚ ପ୍ରାକୃତିକ ପରିବେଶରେ ଏମାନଙ୍କ ପାଇଁ ଅସରନ୍ତି ଖାଦ୍ୟ ଭଣ୍ଡାର ମହଜୁଦ ଥାଏ । ସାପ, ନେଉଳର ସବୁଦିନିଆ ଖାଦ୍ୟ ନୁହେଁ । ସାପର ଘ୍ରାଣଶକ୍ତି ଅଧିକ ହୋଇଥିବାରୁ ନେଉଳର ଉପସ୍ଥିତି, ଆଗୁଆ ଠଉରାଇ ନିରାପଦ ଦୂରତାରେ ରହେ । ଯଦି ନେଉଳ ସାପଟିଏ ଶିକାର କରେ, ସେ ତାକୁ ଟାଣି ଟାଣି ନେଇ ଘଞ୍ଚ ବୁଦା ଭିତରେ ଆରାମରେ ଖାଏ । ଯଦି ସାପଟି ଅପେକ୍ଷାକୃତ ବଡ ହୋଇଥାଏ, ସେ ତାର ବସା ଭିତରକୁ ନେଇ ଅନେକ ଦିନ ପର୍ଯ୍ୟନ୍ତ ଖାଇଥାଏ ।

ନେଉଳର ବୈଜ୍ଞାନିକ ନାମ Herpestidie । ଏମାନେ ସମଗ୍ର ଏସିଆ ମହାଦେଶ, ଆଫ୍ରିକା, ଦକ୍ଷିଣ ଇଉରୋପ, ଓ ଭାରତୀୟ ଉପମହାଦ୍ୱୀପରେ ଦେଖିବାକୁ ମିଳନ୍ତି । କେବଳ ବରଫାବୃତ୍ତ ଅଞ୍ଚଳକୁ ବାଦଦେଲେ ଏମାନେ ପ୍ରାୟ ସର୍ବତ୍ର ଦୃଶ୍ୟମାନ ହୁଅନ୍ତି । ସାରା ଦୁନିଆରେ ଏମାନଙ୍କର ୩୩ ପ୍ରଜାତି ଦେଖିବାକୁ ମିଳେ । ଏମାନେ ମରୁଭୂମି, ସମୁଦ୍ର ଅନ୍ତର୍ଗତ ଦ୍ୱୀପ-ସମୂହ, ଘଞ୍ଚ ଜଙ୍ଗଲ, ପାହାଡିଆ ଅଞ୍ଚଳ, ଘାସପଡିଆ, ଶସ୍ୟକ୍ଷେତ୍ର ,ଏପରିକି ଜନବସତି ନିକଟସ୍ଥ ବାଡି



ବଗିଚାରେ ବାସ କରନ୍ତି ।

ଏମାନେ ଉଇହୁଙ୍କା, ମୂଷାଗାତ, ପାହାଡ ଖୋଲ ଓ ବେଳେବେଳେ ନିଜେ ଗାତଖୋଳି ନିଜର ବାସଗୃହ ତିଆରି କରନ୍ତି । ଏମାନଙ୍କର ଲମ୍ବା ଗୋଜିଆମୁହଁ, ଛୋଟ ଛୋଟ ଗୋଲାକୃତି କାନ, ଛୋଟ ଅଥଚ ଶକ୍ତିଶାଳୀ ଗୋଡ, ଓ ଗୋଟିଏ ଲମ୍ବା ଲାଞ୍ଜ ଥାଏ । ଲାଞ୍ଜର ଲମ୍ବା ଶରୀରର ଅଧା ହୋଇଥାଏ । ସମଗ୍ର ଶରୀର ଘନ କୋମଳ ଲୋମ ଦ୍ୱାରା ଆବୃତ୍ତ ହୋଇଥାଏ । ଏମାନଙ୍କ ଶକ୍ତିଶାଳୀ ପଞ୍ଝା ଶିକାର କରିବା ଓ ଗାତ ଖୋଳିବାରେ ସହାୟକ ହୋଇଥାଏ । ଭାରତରେ ଦେଖା ଯାଉଥିବା ଧୂଷର ରଙ୍ଗର ନେଉଳ ସର୍ବାଧିକ ୩ ଫୁଟ ପର୍ଯ୍ୟନ୍ତ ଲମ୍ବା ହୋଇଥାଏ । ଜୀବନ କାଳ ୬ ରୁ ୧୦ ବର୍ଷ । ପ୍ରଜାତିଭେଦରେ ଏମାନେ ୬ ଇଞ୍ଚ ରୁ ୩ ଫୁଟ ଲମ୍ବା, ଉଚ୍ଚତା ୬ ଇଞ୍ଚ ରୁ ୧୮ ଇଞ୍ଚ ଓ ଓଜନ ୫୦୦ ଗ୍ରାମରୁ ୫ କିଲୋ ଗ୍ରାମ ପର୍ଯ୍ୟନ୍ତ ହୋଇଥାଏ । ସବୁଠାରୁ ଛୋଟ ନେଉଳ ୬ ଇଞ୍ଚ ଓ ୩୦୦ ଗ୍ରାମର ଓଜନ ହୋଇଥାଏ । ପୁରୁଷ ନେଉଳର ଶାରୀରିକ ଗଠନ ଅପେକ୍ଷାକୃତ ବଡ ହୋଇଥାଏ ।

ମାର୍ଚ୍ଚରୁ ଅକ୍ଟୋବର ମାସ ଏମାନଙ୍କ ମିଳନ ଋତୁ । ୬୦ ରୁ ୬୫ ଦିନ ଗର୍ଭ ଧାରଣକରି ମା ନେଉଳ

## ଜୀବଜଗତ

୨ ଟି ରୁ ୪ ଟି ଛୁଆ ଜନ୍ମ କରେ । ଜନ୍ମବେଳକୁ ଛୁଆମାନେ ଅତ୍ୟନ୍ତ କ୍ଷୁଦ୍ର ଏପରିକି ୨୫ ରୁ ୨୮ ଗ୍ରାମର ହୋଇଥାନ୍ତି । ଲୋମଶୂନ୍ୟ ଅବସ୍ଥାରେ ଜନ୍ମ ହେଉଥିବା ନେଉଳ ଛୁଆଙ୍କର ଦୃଷ୍ଟି ଶକ୍ତି ନଥାଏ । ତେବେ ଏମାନଙ୍କର ଦ୍ରୁତ ଶାରୀରିକ ବିକାଶ ଘଟେ ଓ ମାତ୍ର ଦୁଇ ସପ୍ତାହ ମଧ୍ୟରେ ଏମାନେ ଆତ୍ମନିର୍ଭରଶୀଳ ହୋଇ ଯାଆନ୍ତି । ଛଞ୍ଚାଣ, ବିଲୁଆ ଓ ଗୋଧୀ, ନେଉଳକୁ ଶିକାର କରନ୍ତି । ଅଜଗର ସାପ ଓ ବଡ ଅହିରାଜ ସାପକୁ ନେଉଳ ଏଡାଇ ଯାଏ । ଏମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ବିଷାକ୍ତ ସାପଙ୍କ ସହିତ ନେଉଳ ଲଢ଼େଇ କରେ । ଏମାନଙ୍କ ଶରୀରରେ କିଛି ପରିମାଣରେ ବିଷ ପ୍ରତିରୋଧକ ଶକ୍ତି ଥାଏ । ସର୍ପ ଦଂଶନର ବିଷ ଚର୍ମ ଭେଦ କରି ସହଜରେ ରକ୍ତ କଣିକାରେ ମିଶି ନଥାଏ । ଚର୍ମତଳେ ଥିବା ଏକ ବିଶେଷ ଗ୍ରନ୍ଥି, ବିଷକୁ ସହଜରେ ରକ୍ତରେ ମିଶିବାକୁ ଦେଇ ନଥାଏ । ତେବେ ନେଉଳ ନିଜର ଚଳଚଞ୍ଚଳ ଶରୀର, କ୍ଷୀପ୍ର ଗତି ଓ ନିଜସ୍ୱ ରଣ କୌଶଳରେ ସାପକୁ ଆକ୍ରମଣ କରିଥାଏ ।

ସାପକୁ ଭ୍ରମିତ କରିବାପାଇଁ ସେ କେତେବେଳେ ସାପର ଅତି ନିକଟକୁ ଆସିଯାଏ ତ ଆଉ କେତବେଳେ ଯୁଦ୍ଧରୁ ଓହରି ଗଲା ପରି ଅଭିନୟ କରି ଦୂରକୁ ପଳାଏ । ବେଳେବେଳେ ସାପର ଚତୁର୍ପାଶ୍ୱକୁ କ୍ଷୀପ୍ର ଗତିରେ ପ୍ରଦକ୍ଷିଣ କରେ । ସାପର ଦୃଷ୍ଟି ଶକ୍ତି ଅତ୍ୟନ୍ତ ଦୁର୍ବଳ ଥିବାରୁ ସେ ଠିକ ଭାବରେ ନେଉଳକୁ ଦେଖିବାକୁ ଅସମର୍ଥ ହୁଏ । ସାପ କେବଳ ସବୁଜ ଓ ନୀଳ ରଙ୍ଗକୁ ଦେଖିପାରୁ ଥିବାରୁ ସେ ନେଉଳର ସଠିକ ଅବସ୍ଥିତି ଜାଣିପାରେ ନାହିଁ । ତଥାପି ସାପ ନିଜସ୍ୱ ରଣ କୌଶଳ ନିର୍ଦ୍ଧାରିତ କରି ଗୋଟିଏ ନିର୍ଦ୍ଦିଷ୍ଟ ଯାଗାରେ ଫଣା ଟେକି ସ୍ଥିର ରହେ । ସାପ ନିଜ ଜିଭ ସାହାଯ୍ୟରେ ଗନ୍ଧ ବାରି ନେଉଳର ଅବସ୍ଥିତିକୁ ଅନୁମାନ କରି ଚୋଟ ମାରିଥାଏ । ନେଉଳ ସବୁବେଳେ ନିଜକୁ ସର୍ପ ଦଂଶନରୁ ନିଜକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରେ ତେବେ, ବିଷଧର ସର୍ପର ଗୋଟିଏ କିମ୍ବା ଦୁଇଟି ଦଂଶନ ସହ୍ୟ କରିବାର ଶକ୍ତି ନେଉଳ ପାଖରେ ଥାଏ ।

ସାପ ନେଉଳର ଖଣ୍ଡ ଯୁଦ୍ଧ ବେଳେବେଳେ ବିଳମ୍ବିତ ହୋଇଥାଏ । ସାପ ଅଧିକ ସମୟ ଫଣା ଟେକି ଅବିଚଳିତ ରହିଲେ, ନେଉଳ ବାରମ୍ବାର ସାପର ଚାରିପଟେ ବୁଲି ତା ଲାଞ୍ଜକୁ କାମୁଡି ଥାଏ । ସେ ସାପକୁ ବ୍ୟସ୍ତ ବିବ୍ରତ ଓ କ୍ଳାନ୍ତ କରି ପକାଏ । ନେଉଳ ସବୁବେଳେ ଚାହେଁ , ସାପ ଭୂମି-ପତ୍ତନକୁ ଲକ୍ଷ୍ୟ କରି ଚୋଟ ମାରୁ । ସାପର ଫଣା ଭୂମି ପତ୍ତନ ସହିତ ସମାନ୍ତରାଳ ହେଲା ମାତ୍ରେ ନେଉଳ ମୁହୂର୍ତ୍ତକ ମଧ୍ୟରେ, ସାପର ଫଣାକୁ କାମୁଡି ନଷ୍ଟ କରିଦିଏ ।

ଅଭିଜ୍ଞତା ସଂପର୍ଣ୍ଣ ନେଉଳ ଏହି କୌଶଳକୁ ଥରେ ମାତ୍ର ପ୍ରୟୋଗ କରିଥାଏ । ଯଦି ନେଉଳର ଭୁଲ ରଣନୀତି ଯୋଗୁଁ, ସାପ ଏକାଧିକବାର ଦଂଶନ କରେ, ତାହେଲେ ନେଉଳର ମୃତ୍ୟୁ ଘଟେ । ତେବେ ଏହା କେବଳ ଅହିରାଜ କିମ୍ବା ବିଶାଳକାୟ ସାପ ପକ୍ଷରେ ସମ୍ଭବ ହୋଇଥାଏ । ବିଷହୀନ ସାପ ଓ କଙ୍କଡ଼ା ବିଛାଙ୍କ ପାଇଁ ନେଉଳ କୌଣସି ରଣନୀତି ଆପଣାଇ ନଥାଏ । ନେଉଳ ସାପକୁ ମାରି ତାର ସମଗ୍ର ଶରୀର ଏପରିକି ବିଷ ଗ୍ରନ୍ଥିକୁ ମଧ୍ୟ ଖାଇଦିଏ । ସର୍ପ ବିଷ ରକ୍ତରେ ମିଶିଲେ ଅଧିକ ପ୍ରଭାବଶାଳୀ ହୋଇଥାଏ, ନେଉଳର ଖାଦ୍ୟରେ ନୁହେଁ । କେତେକ ମୂଷା ଓ ସର୍ପମାନଙ୍କ ଠାରୁ ସୁରକ୍ଷା ପାଇଁ ଘରେ ନେଉଳ ପୋଷିଥାନ୍ତି ତେବେ ନେଉଳ ଗୃହ ପାଳିତ ଜୀବ ଆଦୌ ନୁହେଁ । ବେଳେବେଳେ ଏହା ବିପଦଜ୍ଜନକ ସାବ୍ୟସ୍ତ ହୋଇଥାଏ । ନେଉଳ ଏକ ସଂପୂର୍ଣ୍ଣ ବର୍ଣ୍ୟଜୀବ ହୋଇଥିବାରୁ ଦଳବଦ୍ଧ ହୋଇ ରହିବାକୁ ପସନ୍ଦ କରନ୍ତି । ନେଉଳ, ଜଳାତଙ୍କ ରୋଗର ବାହକ ହୋଇଥାଏ । କ୍ରମାଗତ ସର୍ପ ବିଷ ସଂସ୍ପର୍ଶରେ ଆସୁଥିବାରୁ ସେମାନଙ୍କ ଦେହରେ ସବୁବେଳେ କିଛି ମାତ୍ରାରେ ବିଷ ଥାଏ । ନେଉଳ କାମୁଡାରେ ମଣିଷର ମୃତ୍ୟୁ ଘଟିବାର ବିରଳ ଦୃଷ୍ଟାନ୍ତ ରହିଛି ।

**ଭୁବନେଶ୍ୱର**
**ମୋବାଇଲ୍ - ୭୯୭୮୪୨୦୪୯୩**

# ବିଧାନସଭା ବଜେଟ୍ ଅଧିବେଶନ : ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ହେବ

ଭୁବନେଶ୍ୱର, (ଭିଓଭି) : ଓଡ଼ିଆ ଅସ୍ମିତାକୁ ପୁନର୍ଜୀବିତ କରିବା ଦିଗରେ ରାଜ୍ୟ ସରକାର କାମ କରୁଛନ୍ତି। 'ସରକାର ନୂଆ ଶିକ୍ଷାନୀତିକୁ ଓଡ଼ିଶାରେ ଲାଗୁ କରିଛନ୍ତି। ଆଜି ବଜେଟ୍ ଅଧିବେଶନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଅଭିଭାଷଣ ରଖି ଏହା କହିଛନ୍ତି। 'ଜୟ ଜଗନ୍ନାଥ' କହି ଅଭିଭାଷଣ ଆରମ୍ଭ କରି ଦିବଙ୍ଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ କରିଥିଲେ ରାଜ୍ୟପାଳ। ସେ କହିଛନ୍ତି, ଓଡ଼ିଶା ଖଣିଜ ସମ୍ପଦରେ ଭରପୂର ହୋଇ ରହିଛି। ଓଡ଼ିଶା ନିଜର ଐତିହ୍ୟ ଓ କୀର୍ତ୍ତିରାଜି ପାଇଁ ପରିଚିତ। 'ମୋ ସରକାର ଧାନର ଏମଏସପି ୮୦୦ ଟଙ୍କା ବଢ଼ାଇଛନ୍ତି। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି କହିଛନ୍ତି, ୧.୩୬ ଲକ୍ଷ ପଞ୍ଜିକୃତ କୃଷକଙ୍କ ପାଇଁ ଚାଷବୀମା କରାଯାଇଛି। ସ୍ୱାଭିମାନ ଅଞ୍ଚଳରେ ବଳଭଦ୍ର ଜୈବିକ ଚାଷ ମିଶନ ଆରମ୍ଭ କରାଯାଇଛି। ଏଣେ 'ସୁଭଦ୍ରା' ଯୋଜନାରେ କୋଟିଏ ମହିଳା ଲାଭବାନ ହୋଇଛନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖାଯାଇଛି। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି କହିଛନ୍ତି, ୧.୩୬ ଲକ୍ଷ ପଞ୍ଜିକୃତ କୃଷକଙ୍କ ପାଇଁ ଚାଷବୀମା କରାଯାଇଛି। ସ୍ୱାଭିମାନ ଅଞ୍ଚଳରେ ବଳଭଦ୍ର ଜୈବିକ ଚାଷ ମିଶନ ଆରମ୍ଭ କରାଯାଇଛି। ଏଣେ 'ସୁଭଦ୍ରା'



ଯୋଜନାରେ କୋଟିଏ ମହିଳା ଲାଭବାନ ହୋଇଛନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ, ଆଜି ୧୩ ଫେବ୍ରୁୟାରିଠାରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଛି। ବଜେଟ ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ରହିଛି। ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ। ଫେବ୍ରୁଆରି ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ମାର୍ଚ୍ଚ ୭ରୁ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ହେବ। ଫେବ୍ରୁଆରି ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ ହେବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ଥର ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ।

# ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବ: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, (ଭିଓଭି): ସମଗ୍ର ଶିକ୍ଷା ଅଧୀନରେ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ (ସ୍କିମାଟିକ)ମାନଙ୍କ ଦରମା ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଧନ୍ୟବାଦ ଜଣାଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ଏହି ନିଷ୍ପତ୍ତି ଶିକ୍ଷାଦାତାଙ୍କୁ ସଶକ୍ତ କରିବା ସହିତ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବ ବୋଲି କହିଛନ୍ତି। ସୂଚନା ଥାଉକି, ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ଏହା ଜଣାଇଦିଆ ଯାଇଛିଯେ ସ୍କିମାଟିକ୍ କନିଷ୍ଠ ଶିକ୍ଷକ ମାନଙ୍କ ମାସିକ ପାରିଶ୍ରମିକ ୧୧,୦୦୦ ଟଙ୍କା ରୁ ୧୬,୦୦୦ ଟଙ୍କା ବୃଦ୍ଧି କରା ଯାଇଛି। ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ





ସ୍ତରରେ ନିୟୋଜିତ ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ମାସିକ ୧୧,୧୦୦ ଟଙ୍କା ପାରିଶ୍ରମିକ ଦିଆଯାଉଥିଲା। କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାର ଶିକ୍ଷକମାନଙ୍କ ମାସିକ ଦରମାରେ ୪,୯୦୦ ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫେବ୍ରୁଆରି ୧୨ ତାରିଖରେ ଏକ ପ୍ରସ୍ତାବରେ, ଓଡ଼ିଶା ସରକାରଙ୍କ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ସେମାନଙ୍କର ପାରିଶ୍ରମିକ ୧୧,୧୦୦ ଟଙ୍କାରୁ ୧୬,୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି, ସରକାର ସତର୍କତାର ସହିତ ବିଚାର କରିବା ପରେ ସମଗ୍ର ଶିକ୍ଷା ଯୋଜନାରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟୋଜିତ କନିଷ୍ଠ ଶିକ୍ଷକଙ୍କ ମାସିକ ଦରମା ବୃଦ୍ଧି କରିଛନ୍ତି।

# ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହେଲା

ନୂଆଦିଲ୍ଲୀ (ଭିଓଭି): ଗତ କିଛି ବର୍ଷ ହେଲା ଜାତିଆଣ ହିଂସାକୁ ନେଇ ଅଶାନ୍ତ ରହୁଥିବା ଉତ୍ତର-ପୂର୍ବ ରାଜ୍ୟ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି । ଗତ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଏନ. ବିରେନ୍ଦ୍ର ସିଂଙ୍କ ଇସ୍ତଫା ପରେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଏବଂ ଅର୍ଦ୍ଧସାମରିକ ବାହିନୀର ଅଧିକାରୀମାନେ ଆଜି ରାଜଭବନରେ ଏକ ବୈଠକ କରିଥିଲେ। ଏହି ସମୟରେ ଅଧିକାରୀମାନେ ତାଙ୍କୁ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ)ର ମୁତୟନ ଏବଂ ଅପରେସନ୍ କାର୍ଯ୍ୟକଳାପ ବିଷୟରେ ସୂଚନା ପ୍ରଦାନ କରିଥିଲେ ।ସମ୍ବିଧାନର ଧାରା ୩୫୬ ଅନୁଯାୟୀ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। ଯେତେବେଳେ ଏକ ରାଜ୍ୟ ସରକାର ସମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିପାରିବେ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ହୃଦବୋଧ ହୁଏ ସେତେବେଳେ ରାଷ୍ଟ୍ରପତି



ଶାସନ ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଏ । ବିଜେପିର ଉତ୍ତର-ପୂର୍ବ ପ୍ରଭାରୀ ତଥା ସାଂସଦ ସମ୍ବିତ ପାତ୍ର ବର୍ତ୍ତମାନ ମଣିପୁର ଗସ୍ତରେ ଅଛନ୍ତି ଏବଂ ବୁଧବାର (ଫେବ୍ରୁଆରି ୧୨, ୨୦୨୫) ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଦୁଇଥର ସାକ୍ଷାତ କରିଥିଲେ। ଚଳିତ ମାସ ପ୍ରାରମ୍ଭରେ ବିଧାନସଭା ବାଚସ୍ପତି ସତ୍ୟବ୍ରତଙ୍କୁ ଦିଲ୍ଲୀ ଡକାଯିବା ପରେ ମଣିପୁରରେ କ୍ଷମତା ପରିବର୍ତ୍ତନର ସଙ୍କେତ ସାମ୍ନାକୁ ଆସିବା ଆରମ୍ଭ ହୋଇଥିଲା।

# ଲୋକସଭାରେ ନୂଆ ଆୟକର ବିଲ୍ ଆଗତ: ଟିକସ୍ ଠକେଇ ପାଇଁ ଜରିମାନା ଓ ଜେଲ୍

ନୂଆଦିଲ୍ଲୀ, (ଭିଓଭି): ହଟ୍ଟଗୋଳ ଓ ବିରୋଧୀଙ୍କ କକ୍ଷତ୍ୟାଗ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ଆଜି ନୂଆ ଆୟକର ବିଲ୍ ଉପସ୍ଥାପନ କରିଛନ୍ତି। ପୁରୁଣା ନିୟମ ତୁଳନାରେ ନୂଆ ଆହୁରି ଜଟିଳ ବୋଲି ବିରୋଧୀମାନେ ଅଭିଯୋଗ କରିବା ସତ୍ତ୍ୱେ ତାହା ବାଚନିକ ଭୋଟ୍‌ରେ ପାରିତ ହୋଇଛି। ଏହାପରେ ବିଲ୍‌କୁ ଅନୁଧ୍ୟାନ ପାଇଁ ସିଲେକ୍ଟ କମିଟିକୁ ପଠାଇବାକୁ ଅର୍ଥମନ୍ତ୍ରୀ କହିଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲା ସେହି କମିଟି ଗଠନ କରିବେ। କମିଟି ଏହାର ରିପୋର୍ଟ ମାର୍ଚ୍ଚ ୧୦ରେ ଦେବ। ୨୦୨୬ ଏପ୍ରିଲ୍ ୧ରୁ ନୂଆ ନିୟମ ଲାଗୁ ହେବ। ନୂଆ ବିଲ୍ ସମ୍ପର୍କରେ ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି ଯେ ପୁରୁଣା ଆୟକର ନିୟମ ୧୯୬୧ରେ ୮୦୦ରୁ ଅଧିକ ଅନୁଚ୍ଛେଦ ଥିଲା। ନୂଆ ନିୟମରେ ସେହି ସଂଖ୍ୟା ୫୩୬କୁ ହ୍ରାସ ପାଇଛି। ଆୟକର ନିୟମ ୧୯୬୧କୁ ୧୯୬୨ ମସିହାରେ ଲାଗୁ କରାଯାଇଥିଲା। ସେହି ସମୟରେ ସେଥିରେ ୨୯୮ଟି ଅନୁଚ୍ଛେଦ ଥିଲା। କିନ୍ତୁ ଗତ ୬୦ ବର୍ଷ ଭିତରେ ସେଥିରେ ଏକାଧିକ ଥର ସଂଶୋଧନ କରାଯିବା ପରେ ତାହା ଜଟିଳ ହୋଇପଡ଼ିବା ସହ ଅନୁଚ୍ଛେଦ ସଂଖ୍ୟା ୮୧୯କୁ ବୃଦ୍ଧି ପାଇଛି। ନୂଆ ନିୟମରେ ତାହାକୁ ସରଳ କରିବା ଉଦ୍ୟମ କରାଯାଇଛି। ନୂଆ ଆୟକର ବିଲ୍ ପୃଷ୍ଠା ସଂଖ୍ୟା ୬୨୨ ରହିଛି। ବର୍ତ୍ତମାନ ପ୍ରଚଳନରେ ଥିବା ଆୟକର ଆଇନ ୧୯୬୧ରେ ମୋଟ ଶବ୍ଦ ସଂଖ୍ୟା ୫,୧୨,୫୩୫ ରହିଛି। କିନ୍ତୁ ନୂଆ ବିଲ୍‌ରେ ଶବ୍ଦ ସଂଖ୍ୟାରେ ପାଖାପାଖି ୫୦ ପ୍ରତିଶତ (୨,୫୨,୮୫୯)ହ୍ରାସ ପାଇଛି। ଫଳରେ ନୂଆ ବିଲ୍‌ରେ ମୋଟ ଶବ୍ଦ ସଂଖ୍ୟା ୨,୫୯,୬୭୬ରେ ସୀମିତ ରହିଛି।

ନୂଆ ଆୟକର ବିଲ୍‌ରେ ବ୍ୟକ୍ତିଗତ ଆୟକର ସ୍ଲାବ୍‌ରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ନୂଆ ନିୟମରେ 'ଟିକସ ବର୍ଷ' ବ୍ୟବହାର କରାଯାଇଛି ଯାହା ଆର୍ଥିକ ବର୍ଷ କିମ୍ବା ଆକଳନ ବର୍ଷ ସ୍ଥାନରେ ବ୍ୟବହାର ହୋଇଛି। ଏବେ ପ୍ରଚଳନରେ ଥିବା ନିୟମରେ ଗୋଟିଏ ଆର୍ଥିକ ବର୍ଷର ଆୟ ଉପରେ ଟିକସକୁ ପରବର୍ତ୍ତୀ ବର୍ଷରେ ଦିଆଯାଉଛି। ଉଦାହରଣ ସ୍ୱରୂପ ୨୦୨୩-୨୪ ଆର୍ଥିକ ବର୍ଷ ଆୟର ଟିକସକୁ ୨୦୨୪-୨୫ରେ ପ୍ରଦାନ କରାଯାଉଛି। କିନ୍ତୁ ନୂଆ ନିୟମରେ ନିର୍ଦ୍ଦିଷ୍ଟ ଟିକସ ବର୍ଷ ଅନୁସାରେ ଟିକସ ଦିଆଯିବ। ଫ୍ରିଞ୍ଜ ବେନିଫିଟ୍ ଟ୍ୟାକ୍ସ ଭଳି କେତେକ ପୁରୁଣାକାଳିଆ ଧାରାକୁ ନୂଆ



ନିୟମରେ ବାଦ ଦିଆଯାଇଛି। ଟିଡିଏସ୍, ପ୍ରିଜ୍ୟୁମେଟିଭ୍ ଟ୍ୟାକ୍ସେସନ୍, ବେତନ ଓ ଖରାପ ଋଣ ପାଇଁ କାଟ ଆଦି ବିଷୟ ଲାଗି ଟେବୁଲ୍ ବ୍ୟବହାର କରାଯାଇଛି। ନୂଆ ନିୟମ ଅନୁସାରେ କ୍ରିପ୍ଟୋରୁ ସମ୍ପତ୍ତିକୁ ନଗଦ ଟଙ୍କା, ଗହଣା ଭଳି ଦେଖାଯିବ। ବେତନରେ ଷ୍ଟାଣ୍ଡାର୍ଡ ଡିଡକ୍ସନ, ଗ୍ରାଚୁଇଟି, ଲିଗ୍ ଏନ୍‌କ୍ୟାସ୍‌ମେଣ୍ଟ ଆଦିକୁ ଗୋଟିଏ ସ୍ଥାନରେ ଦର୍ଶାଯିବ। ପୁରୁଣା ନିୟମରେ ବେତନ, ଘର ସମ୍ପତ୍ତି, ବ୍ୟବସାୟ ଓ ପୁଞ୍ଜି ଲାଭ ଟିକସକୁ ଆୟ ଭାବେ ବିଚାର କରାଯାଉଥିଲା। ନୂଆ ଆଇନରେ ସେଥିରେ ଡିଜିଟାଲ୍ ବା ଅନ୍‌ଲାଇନ୍ ଆୟକୁ ଯୋଡ଼ାଯାଇଛି। ଫାମିଲି ପେନ୍‌ସନ୍‌ରେ ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ଏକ ତୃତୀୟାଂଶ କିମ୍ବା ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ବେତନଭୋଗୀମାନେ ଏବେ ଡିଜିଟାଲ୍ ପ୍ରମାଣପତ୍ର ଦେଇପାରିବେ। ଟିକସ ଆକଳନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଧାରିତ ହେବ। କମ୍ପାନିଗୁଡ଼ିକୁ ସିଏସ୍‌ଆର ଖର୍ଚ୍ଚରେ କାଟ ସୁବିଧା ମିଳିବ ନାହିଁ। ଟିଡିଏସ୍ ରିଟର୍ଣ୍ଣ ଦାଖଲ ନ କଲେ ଦୈନିକ ୫୦୦ ଟଙ୍କାର ଜରିମାନା ଲାଗିବ। ଚଢ଼ଉ, ତଲାସୀ ଆଦି ପାଇଁ ଡିଜିଟାଲ୍ ମାଧ୍ୟମରେ ପଠାଯାଇଥିବା ନୋଟିସ୍‌କୁ ଆଇନ ଦୃଷ୍ଟିରୁ ବୈଧ ବିଚାର କରାଯିବ। ଚଢ଼ଉ ବେଳେ ଜବତ କରାଯାଇଥିବା ସମ୍ପତ୍ତି ପାଇଁ ଯଦି ଟିକସଦାତା ମାଲିକାନା ଅଧିକାର ପ୍ରମାଣ କରି ଟିକସ ଦେବେ ତେବେ ତାଙ୍କୁ ସମ୍ପତ୍ତି ଫେରସ୍ତ ମିଳିବ। ସହରଠାରୁ କ୍ଷେତର ଦୂରତାକୁ ଆକାଶ ମାର୍ଗରେ ମପାଯିବ। ସହର ନିକଟସ୍ଥ କ୍ଷେତରୁ ହେଉଥିବା ଆୟକୁ କୃଷି ଆୟ ଭାବେ ନୁହେଁ, ପୁଞ୍ଜି ଲାଭ ଭାବେ ବିଚାର କରାଯିବ। ପ୍ରତି ଦାନର ଅଡିଟ୍‌କୁ ବାଧ୍ୟତାମୂଳକ କରାଯାଇଛି। ବିକ୍ରି ହୋଇ ନଥିବା ରିଅଲ ଇଷ୍ଟେଟ୍ ସମ୍ପତ୍ତି ଉପରେ ଦୁଇ ବର୍ଷର ଟିକସ ଛାଡ଼ ସୁବିଧାମିଳିବ। ଟିକସ ଚୋରି କଲେ ୨୦୦ ପ୍ରତିଶତ ଜରିମାନା ଗଣିବାକୁ ପଡ଼ିବ। ୫୦ ଲକ୍ଷ ଟଙ୍କାରୁ ଅଧିକ ଟିକସ ଚୋରି କଲେ ଜେଲ୍ ହେବ। ନୂଆ ବିଲ୍‌ରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି)କୁ ସ୍ୱତନ୍ତ୍ରତା ଦିଆଯାଇଛି। ଏନ୍‌ପିଏସ୍, ବୀମା, ଗ୍ରାଚୁଇଟି ଓ ପିଏଫ୍ ଉପରେ ଟିକସ ରିହାତି ଜାରି ରହିବ। ସରକାରଙ୍କଠାରୁ ଆୟର ସ୍ରୋତ ଲୁଚାଇଲେ ଆକାଉଣ୍ଟ ସିଜ୍ ହେବ। ଆୟକରକୁ ଅଧିକ ସ୍ୱଚ୍ଛ କରିବା ପାଇଁ ଇ-ଫାଇଲିଂ ଓ ଇ-କେୱାଇସିକୁ ଗୁରୁତ୍ୱ ଦିଆଯାଇଛି। କେତେକ କ୍ଷେତ୍ରରେ କୃଷି ଆୟ ଉପରେ ଅତିରିକ୍ତ ଟିକସ ରିହାତି ମିଳିବ।

## ସଂ ପା ଦ କୀ ୟ

# ଆଲୁଅ ଲିଭିଗଲା

ସେଦିନ ଥିଲା ୧୯୪୮ ମସିହା ଜାନୁଆରୀ ୩୦ ତାରିଖ ସମୟ ଅପରାହ୍ନ ୪ଘ.୩୦ମି। ଦିନର ନିଜ ଶେଷ ଭୋଜନ ସାରି ଆଭା ଓ ମନୁଙ୍କ କାନ୍ଧରେ ହାତ ଭରାଦେଇ ମହାତ୍ମା ଗାନ୍ଧୀ ବିରଳା ଭବନରୁ ବାହାରିଥିଲେ ପ୍ରାର୍ଥନା ସଭାକୁ, ଆଉ ସେଦିନର ସେହି ପ୍ରାର୍ଥନା ହୋଇଥିଲା ତାଙ୍କର ଜୀବନର ଶେଷ ପ୍ରାର୍ଥନା। ସେଦିନ ସତ୍ୟ ଓ ନ୍ୟାୟର ଶେଷ ପ୍ରଦୀପ ଲିଭିଗଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ ଘୋଷଣା କରିଥିଲେ ଆଲୁଅ ଲିଭିଗଲା। ଗାନ୍ଧିଜୀଙ୍କ ପାଇଁ ସାରା ବିଶ୍ୱରୁ ୩୪୪୧ଟି ଶୋକ ବାର୍ତ୍ତା ଟେଲିଗ୍ରାମ୍ ମାଧ୍ୟମରେ ଆସିଥିଲା। ବାର୍ତ୍ତା ପାଇଁ ବୋଧହୁଏ ପୃଥିବୀର ସବୁ କୋଣ ଅନୁକୋଣର ଟେଲିଗ୍ରାମ୍ ଯନ୍ତ୍ର ଏକ ସମୟରେ କାର୍ଯ୍ୟକ୍ଷମ ହେଇଯାଇଥିବ। ଗତ ଫେବୃଆରୀ ୯ ତାରିଖ ସନ୍ଧ୍ୟା ୬ଘ.୧୫ମି ସମୟରେ ଭାରତ-ଇଂଲଣ୍ଡ ଦ୍ୱିତୀୟ ଏକ ଦିବସୀୟ ଦିବାରାତ୍ର କ୍ରିକେଟ୍ ମ୍ୟାଚରେ ରୋହିତ ଶର୍ମା ଓ ସୁବମନ୍ ଗିଲ୍ ଭାରତ କ୍ରିକେଟର ସମ୍ମାନକୁ କାନ୍ଧରେ ବହନ କରି ଆଗକୁ ବଢୁଥିବା ସମୟରେ ହଠାତ୍ ଫ୍ଲଡ୍ ଲାଇଟ୍ (ଆଲୁଅ) ଲିଭିଗଲା। ସ୍ତବ୍ଧ ହେଲେ ସାରା ବିଶ୍ୱର କ୍ରୀଡାପ୍ରେମୀ। ନିଃସନ୍ଦେହ ଯେ ଆମ ସରକାର ଓ ମ୍ୟାଚର ଆୟୋଜକ ଓଡିଶା କ୍ରିକେଟ୍ ଆସୋସିଏସନ୍ (ଓ.ସି.ଏ)କୁ ମଧ୍ୟ କୋଟି କୋଟି ନିନ୍ଦା ବାର୍ତ୍ତା ବିଭିନ୍ନ ମାଧ୍ୟମରେ ଆସି ପହଁଞ୍ଚିଥିବ। ଏହାକୁ କ୍ରୀଡାପ୍ରେମୀ ଓ ବୁଦ୍ଧିଜୀବୀମାନେ ଏକ ଆନ୍ତର୍ଜାତୀୟ ଲଜ୍ଜା ବୋଲି ମଧ୍ୟ ଆଖ୍ୟା ଦେଇସାରିଲେଣି। କଟକ ବାରବାଟୀ ଷ୍ଟାଡିୟମ୍, ବିଶ୍ୱର ଏକ ପୁରାତନ ଷ୍ଟାଡିୟମ୍। ୧୯୫୮ ମସିହାରେ ଏହା ନିର୍ମିତ ହୋଇଥିବା ବେଳେ ୪୫ହଜାର ଦର୍ଶକ ଏଠାରେ ଏକକାଳୀନ ବସି ଖେଳ ଦେଖିପାରିବାର ବ୍ୟବସ୍ଥା ରହିଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍ ଅଧିନରେ ରହିଛି। ଅଲମ୍ପିକ୍ ଆସୋସିଏସନ ମାର୍ଫତରେ ଓଡ଼ିଶା କ୍ରିକେଟ ଆସୋସିଏସନ୍ ବି.ସି.ସି.ଆଇ ଦ୍ୱାରା ସହବନ୍ଧିତ ହୋଇ କ୍ରିକେଟ ମ୍ୟାଚ୍ ଆୟୋଜନ କରିଥାଏ। କଥାରେ ଅଛି ଯେଉଁଠାରେ ବାରଭାଇ ଆଖେଡା ଚାଲେ, ସେଠାରେ ସମସ୍ତ କାର୍ଯ୍ୟରେ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ବିଶ୍ୱର ଏମିତି କୌଣସି ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ କ୍ରିକେଟ ଷ୍ଟାଡିୟମ୍ ନାହିଁ ଯାହାର ପରିସରରେ ତେଜରାତି ଦୋକାନ ଠାରୁ ଆରମ୍ଭ କରି ଜଳଖିଆ, ପାନ-ଚା, ରେଷ୍ଟୁରାଣ୍ଟ, ବିବାହ ମଣ୍ଡପ, ବେସରକାରୀ ବିଦ୍ୟାଳୟ, କ୍ଲବ୍, ବାର୍ ଓ ଅନ୍ୟାନ୍ୟ ଦୋକାନ ସବୁ ଚାଲୁଥିବ। ଆନ୍ତର୍ଜାତୀୟ କ୍ରିକେଟ ଖେଳ ପଡିଆରେ ଅନ୍ୟାନ୍ୟ ଖେଳକୁଦ'କୁ ବାରଣ କରାଯାଇଥିବା ବେଳେ ବାରବାଟି ଷ୍ଟାଡିୟମ୍ ପରିସରରେ ଫୁଟବଲ, ହକି, କବାଡି, ବାସ୍କେଟ ବଲ୍, ଅନ୍ୟାନ୍ୟ ଖେଳକୁଦ୍ ସବୁ କିଭଳି କରାଯାଉଛି ତାହା ବଡ ଆଶ୍ଚର୍ଯ୍ୟର ବିଷୟ। ବିଡ଼ମ୍ବନା ଏହିକି ଯେ ବାରବାଟୀ ଷ୍ଟାଡିୟମ୍ ପରିଚାଳନା ଦାୟୀତ୍ୱରେ ଥିବା ଓ.ସି.ଏ ର ମାଲିକାନା ଦୀର୍ଘ ଦଶନ୍ଧି ଧରି ଗୋଟିଏ ପରିବାର ହାତରେ ରହିଅଛି। ସରକାର ଓ ଶାସନରେ ଯିଏ ରୁହନ୍ତୁ କିଛି ଅସୁବିଧା ନାହିଁ। ବୋରଝାଞ୍ଜି ଓ ପୋହଳା ଏଣ୍ଡୁଅ ଭଳି ସେ ପରିବାର ରଙ୍ଗ ବଦଳାଇ ସବୁ କ୍ଷମତା ନିଜ ହାତରେ ରଖିଥାନ୍ତି। କ୍ରିକେଟ୍ ଖେଳରେ ଆଲୁଅ ଲିଭିଯିବା ଏକ ବୈଷୟିକ ତ୍ରୁଟି ହୋଇଥାଇପାରେ, କିନ୍ତୁ ଏହା ନିଃସନ୍ଦେହ ଏକ ପରିଚାଳନାଗତ ବିଭ୍ରାଟ ଓ ଖାମଖିଆଲ ନୀତିର ପରିଣାମ। ଡାକ୍ତରଖାନାରେ ଅପରେସନ ସମୟରେ ଓ.ଟି ଭିତରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାବେଳେ ଲାଇଟ୍ ଚାଲିଯିବା ଆଶଙ୍କା ହେତୁ ଯେଭଳି ବ୍ୟାକଅପ୍ ବ୍ୟବସ୍ଥା କରାଯାଇଥାଏ ଏଠାରେ ମଧ୍ୟ ସମାନ ଜ୍ଞାନ କୌଶଳ ଥିଲା। ତେବେ ବ୍ୟାକଅପ୍ ଆଲୁଅ କାହିଁକି ଫେଲ୍ ହେଲା ? ଭାଗ୍ୟ ଭଲ ବାଉନ୍ସର୍ ବଲ ପଡିବା ସମୟରେ ଏଭଳି ଅଘଟଣ ହୋଇନାହିଁ, ଅନ୍ୟଥା କ୍ରିକେଟ୍ ପ୍ରତିଭାଙ୍କ ପ୍ରାଣ ବିପଦକୁ ଆମନ୍ତ୍ରିତ କରିଥାନ୍ତା। ଏବେ ସରକାର ଓ ସେଦିନ ଆୟୋଜନ ସହିତ ଜଡ଼ିତ ଥିବା ଓ.ସି.ଏ ର ସବୁ ବିଭାଗ, ତ୍ରୁଟି କାହିଁକି ହେଲା କାରଣ ଖୋଜିବା ପାଇଁ ତତ୍ପର। ବି.ସି.ସି.ଆଇ ଆଗକୁ ବାରବାଟୀ ପାଇଁ ଆନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଦେବେ ନା ସବୁଦିନ ପାଇଁ ଆଲୁଅ ଲିଭାଇ ଦେବେ ସେଥିପାଇଁ ଏବେ ଓଡିଶାର ଜନସାଧାରଣ ଚିନ୍ତାରେ।

ଜ୍ଞାନ ରଞ୍ଜନ ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟ୍ସଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# Climate Change: A Crisis Escalating Faster Than Expected



Nihar Ranjan Acharya

Climate change is no longer a distant threat—it is happening now, and at a pace far beyond what scientists once predicted. Rising global temperatures, prolonged droughts, extreme weather events, and irreversible environmental degradation are warning signs of an accelerating crisis. Despite years of research and global efforts to curb carbon emissions, recent studies indicate that the effects of climate change are intensifying faster than anticipated.

**The Worsening Reality**

Scientists have long warned about the dangers of climate change, but new data suggests that the planet is heating up more rapidly than models had projected. Global temperatures have already risen by more than 1.1°C above pre-industrial levels, pushing the world closer to the 1.5°C threshold set by the Paris Agreement. This warming is driving more intense heatwaves, wildfires, and hurricanes, causing destruction across continents.

One of the most alarming impacts is the increasing frequency of droughts. Many regions are experiencing prolonged dry spells, leading to water shortages, failed crops, and severe food insecurity.

The Horn of Africa, for instance, has suffered consecutive failed rainy seasons, leaving millions on the brink of famine. Similarly, devastating wildfires in places like Canada, Greece, and Australia have become more frequent and intense, fueled by rising temperatures and dry conditions.

**Extreme Weather on the Rise**

The acceleration of climate change is also evident in the growing severity of storms, floods, and unpredictable weather patterns. In recent years, hurricanes and typhoons have intensified due to warmer ocean waters, leading



to catastrophic flooding and loss of life. Unprecedented monsoons in South Asia and record-breaking rainfall in Europe have displaced millions and caused billions in damages. Moreover, the Arctic and Antarctic ice sheets are melting at alarming rates, contributing to rising sea levels that threaten coastal cities worldwide. If emissions continue unchecked, major cities like New York, Mumbai, and Jakarta could face severe flooding, forcing mass migrations and economic collapse.

The Urgent Need for Action

The rapid acceleration of climate change underscores the need for immediate and decisive action. Governments, industries, and individuals must work together to reduce greenhouse gas emissions, transition to renewable energy sources, and implement sustainable practices. Policies that promote carbon neutrality, reforestation, and climate resilience must be prioritized to mitigate the damage. At an individual level, small actions—such as reducing energy consumption, supporting eco-friendly businesses, and advocating for policy changes—can collectively make a significant impact. Every effort counts in the fight against climate change, as the future of our planet depends on the choices we make today.

**Conclusion**

Climate change is no longer a slow-moving threat—it is an accelerating crisis with immediate and devastating consequences. The scientific warnings are clear: without urgent intervention, the world will face even more severe droughts, extreme weather, and irreversible environmental damage. It is not too late to act, but time is running out. The responsibility lies with all of us to protect the planet for future generations.

*Founder and Working Director, Trust*
**Ph. 8249775817**
*Email: niharacharya1973@gmail.com*

## ଏକାଦଶୀ ଉପବାସ ମାହାତ୍ମ୍ୟ : ୧୬

# ଦେବଶୟନୀ ଏକାଦଶୀ

ସିଦ୍ଧାର୍ଥ ମହାପାତ୍ର

ଧର୍ମରାଜ ଯୁଧିଷ୍ଠିର ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦେବଶୟନୀ ଏକାଦଶୀ ଉପବାସ ବ୍ରତ ମାହାତ୍ମ୍ୟ ବିଷୟରେ ପଚାରିଲେ ଯାହାକି ସର୍ବ ପ୍ରଥମେ ଭଗବାନ ବ୍ରହ୍ମା ନାରଦ ଋଷିଙ୍କୁ କହିଥିଲେ। ଏହି ଏକାଦଶୀ ଦିନଠାରୁ ଚତୁର୍ମାସ୍ୟ ବ୍ରତ ମଧ୍ୟ ଆରମ୍ଭ ହୁଏ। ଭଗବାନ ବିଷ୍ଣୁ ଶଙ୍ଖାସୁର ଦୈତ୍ୟ ବଧ ପରେ କ୍ଳାନ୍ତି ବିନୋଦନ ପାଇଁ ଚାରି ମାସ କ୍ଷୀର ସାଗର ରେ ଶୟନ କରିଥିଲେ। ସେଥିପାଇଁ ଏହି ଏକାଦଶୀ କୁ ଦେବଶୟନୀ ଏକାଦଶୀ କୁହାଯାଏ। ଦେବଶୟନୀ ଏକାଦଶୀ ଆଷାଢ଼ ମାସ ଶୁକ୍ଳ ପକ୍ଷ ତିଥିରେ ପାଳିତ ହୁଏ। ପୁରା କାଳରେ ଅଯୋଧ୍ୟା ପୁରୀରେ ସୂର୍ଯ୍ୟବଂଶୀ ରାଜା ମାନ୍ଧାତା ଶାସନ କରୁଥିଲେ। ମାନ୍ଧାତା ରାଜା ଅତି ଧାର୍ମିକ ଏବଂ ପ୍ରଜାବତ୍ସଳ ମଧ୍ୟ ଥିଲେ। କିନ୍ତୁ କ୍ରମାଗତ ଭାବେ ତିନି ବର୍ଷ ଧରି ତାଙ୍କ ରାଜ୍ୟରେ ମରୁଡ଼ି ପଡ଼ିଲା ଯାହା ଫଳରେ ପ୍ରଜାଙ୍କ ମଧ୍ୟରେ ହାହାକାର ପଡ଼ିଲା। ପ୍ରଜାଙ୍କ କଷ୍ଟରେ ଚିନ୍ତିତ ହୋଇ ମାନ୍ଧାତା ସମାଧାନ ପାଇଁ ଘୁରି ବୁଲୁ ବୁଲୁ ଅରଣ୍ୟ ମଧ୍ୟରେ ଅଙ୍ଗିରା ଋଷିଙ୍କ ଆଶ୍ରମରେ ପହଞ୍ଚିଲେ। ଅଙ୍ଗିରା ଋଷି ନିଜ ଦିବ୍ୟ ଶକ୍ତି ବଳରେ ମରୁଡ଼ିର କାରଣ ଜାଣିଲେ ଏବଂ କହିଲେ କି ସେହି ଯୁଗରେ ବେଦ ପାଠ ଏବଂ ଜପର ଅଧିକାର କେବଳ ବ୍ରାହ୍ମଣ ମାନଙ୍କର। କିନ୍ତୁ ରାଜ୍ୟରେ ଏକ ଶୁଦ୍ର ବ୍ୟକ୍ତି ବେଦ ପାଠ କରୁଛି ଏବଂ ଜପ ତପ କରିବା ଫଳରେ ମରୁଡ଼ି ପରିସ୍ଥିତି ଉତ୍ପନ୍ନ ହୋଇଛି। ଏହାର ସମାଧାନ ପାଇଁ ରାଜା ସେହି ବ୍ୟକ୍ତିକୁ ହତ୍ୟା କରିବା ଉଚିତ୍। କିନ୍ତୁ ଧାର୍ମିକ ରାଜା ପ୍ରଜା ହତ୍ୟା ବଦଳରେ ଅନ୍ୟ ସୁଗମ ଉପାୟ ବିଷୟରେ ପଚାରିବାରୁ, ଅଙ୍ଗିରା ଋଷି ଦେବଶୟନୀ ଏକାଦଶୀ ପାଳନ କରି ସଂକଳ୍ପ ଫଳ ପ୍ରଜାଙ୍କୁ ଦାନ କରିବାକୁ ଉପଦେଶ ଦେଲେ। ମାନ୍ଧାତା ରାଜା ଋଷିଙ୍କ ଆଦେଶ ପାଳନ କରି ଦେବଶୟନୀ ଏକାଦଶୀ ବ୍ରତ ପାଳନ କଲେ ଏବଂ ଫଳ ସ୍ୱରୁପରେ ରାଜ୍ୟରେ ଚାରି ମାସ ବର୍ଷା ହୋଇ ମରୁଡ଼ି ପରିସ୍ଥିତି ଦୂର ହେଲା। ଏହି ଏକାଦଶୀ ବ୍ରତ ମାହାତ୍ମ୍ୟ ପଠନ କିମ୍ବା ଶ୍ରବଣ ଦ୍ୱାରା ଅକାଳ ମୃତ୍ୟୁ ଭୟ ଦୂର ହୁଏ, ସିଦ୍ଧି ଲାଭ ହୁଏ ଏବଂ ଉପଦ୍ରବ ଶାନ୍ତ ହୁଏ।

*ବଜ୍ରକବାଟି ରୋଡ, କଟକ-୧*
*ମୋ : ୯୩୩୮୫୭୦୯୯୩*

## ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳର ବ୍ୟବହାର ନେଇ ପରାମର୍ଶ ବୈଠକ

# 'ଅମୃତ ଅନ୍ନ' ନାମରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ପ୍ରସ୍ତାବ

ଭୁବନେଶ୍ୱର, (ଭିଓଭି): ଶ୍ରୀମହାପ୍ରସାଦ ପ୍ରସ୍ତୁତିରେ ଜୈବିକ ଚାଉଳର ବ୍ୟବହାର ନେଇ ଏକ ପରାମର୍ଶ ବୈଠକ କୃଷି ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳର ବ୍ୟବହାର ନେଇ ଆଲୋଚନା ହୋଇଥିଲା। ମହାପ୍ରସାଦକୁ ରସାୟନମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ଶ୍ରୀମନ୍ଦିରର ମହାପ୍ରସାଦରେ ଜୈବିକ ଚାଉଳ ଏବଂ ପନିପରିବାର ବ୍ୟବହାର ନିଷ୍ପତ୍ତିକୁ ସୁଆର-ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସର୍ବଦା ଜୈବିକ କୃଷିକୁ ସମର୍ଥନ ଦେଇ ଆସିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀମନ୍ଦିର କୋଠଭୋଗରେ ଏହି ଜୈବିକ ଚାଉଳର ବ୍ୟବହାର କରାଯିବ । ଏଥି ସହ ଶ୍ରୀଗୁଣ୍ଡିଚା ସମୟରେ ସମ୍ପୂର୍ଣ୍ଣ ଲାଗି ହେଉଥିବା ଭୋଗରେ ଜୈବିକ ଚାଉଳ ଓ ପନିପରିବା ବ୍ୟବହାର ହେବା ପାଇଁ ପ୍ରସ୍ତାବ ରହିଛି । 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଜୈବିକ ଅନ୍ନରୁ ପ୍ରସ୍ତୁତ ମହାପ୍ରସାଦ ଆନନ୍ଦବଜାରରେ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ । ଏଥି ପାଇଁ ଆନନ୍ଦବଜାରରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବାର ପ୍ରସ୍ତାବ ରହିଛି। ପ୍ରାରମ୍ଭିକ ଭାବେ ରାଜ୍ୟରେ ଉତ୍ପାଦିତ ହେଉଥିବା କଳାଜୀରା, ପିମ୍ପୁଡ଼ିବାସ, ଯୁବରାଜ ଆଦି ଜୈବିକ ଚାଉଳ ଦେଶୀୟ ପ୍ରଜାତିର ଜୈବିକ ଧାନ ଏହି 'ଅମୃତ ଅନ୍ନ' ମହାପ୍ରସାଦରେ ବ୍ୟବହୃତ ହେବ । ଏଥି ମଧ୍ୟରୁ କଳାଜୀରା ଧାନ ଜିଆଇ ଟ୍ୟାଗ୍ (ଭୌଗୋଳିକ ସୂଚକାଙ୍କ)ରେ ସ୍ଥାନିତ ହୋଇସାରିଛି । ସଂପ୍ରତି ଓଡ଼ିଶା ଚାଉଳ ଉତ୍ପାଦକତାରେ ଜାତୀୟ ହାରଠାରୁ ଆଗରେ ରହିଛି । ଚଳିତ ବର୍ଷ କୋରାପୁଟରେ ୧୩୬୫ ଏକର ଜମିରେ କଳାଜୀରା ଚାଉଳ ଚାଷ ହୋଇଛି ଏବଂ କୋଟପାଡ଼ଠାରେ ପ୍ରଥମ ଥର ପାଇଁ କଳାଜୀରା ଧାନର ମଣ୍ଡି ଖୋଲାଯାଇଛି । ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଅର୍ଗାନିକ୍ ସାର୍ଟିଫିକେସନ୍, ସବ୍‌ସିଡ଼ିର ଆଦିର ପ୍ରସ୍ତାବ ରହିଛି । ଏଥି ସହ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ମାନଙ୍କୁ କ୍ଲଷ୍ଟର ଆପ୍ରୋଚ୍ ମାଧ୍ୟମରେ ଜୈବିକ ଚାଉଳ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦିଆଯିବ ଏବଂ ସଂପୂର୍ଣ୍ଣ ପ୍ରକ୍ରିୟାକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବାକୁ ଏକ ପରିଚାଳନା କମିଟି ଗଠନ କରାଯିବ। ସେହି କମିଟିରେ ଶ୍ରୀମନ୍ଦିର ପ୍ରଶାସନ, ସୁଆର-ମହାସୁଆର ନିଯୋଗ ପ୍ରତିନିଧିଙ୍କ ସମେତ ଅନ୍ୟ ଉତ୍ପାଦକ ଗୋଷ୍ଠୀର ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ସଦସ୍ୟ ରହିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦୦ରୁ ୨୦୦ ଏକର ଜମିରେ ଜୈବିକ ଚାଉଳ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି । ବିହନ ସଂରକ୍ଷଣ କରାଯାଇ ପରବର୍ତ୍ତୀ ସମୟରେ ଅଧିକ ଜୈବିକ ଧାନ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଯିବ ଏବଂ ସଂପୂର୍ଣ୍ଣ 'ଅମୃତ ଅନ୍ନ' ମହାପ୍ରସାଦରେ ଜୈବିକ ଶସ୍ୟ ବ୍ୟବହାର କରାଯିବ । ଜୈବିକ ପଦ୍ଧତିରେ ଉତ୍ପାଦନବେଳେ ଗୋମୂତ୍ର, ଗୋବର, ବୀଜାମୃତ ତଥା ଅନ୍ୟ ଜୈବିକ ଖତର ବ୍ୟବହାର ରାଜ୍ୟରେ ଗୋବଂଶର ସୁରକ୍ଷା ଓ ବୃଦ୍ଧିରେ ମଧ୍ୟ ସହାୟକ ହୋଇପାରିବ। ଆଜିର ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଓୟୁଏଟିର ଡିନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ପୁରୀ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, କମାଣ୍ଡର ସୁଧାକର ପଟ୍ଟନାୟକ, ସୁଆର, ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର ଓ ସଂପାଦକ ନାରାୟଣ ମହାସୁଆର, ବରିଷ୍ଠ ସେବାୟତ ବୈଦ୍ୟନାଥ ମହାସୁଆର, ବିଭିନ୍ନ ଜୈବିକ ଉତ୍ପାଦକ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି, ରାଜେନ୍ଦ୍ର ଦେଶୀ ଧାନ ଗବେଷଣା ପ୍ରତିଷ୍ଠାନର ନଟବର ଷଡଙ୍ଗୀ, କୋରାପୁଟ ପ୍ରଗତି ଅନୁଷ୍ଠାନର ପ୍ରଭାକର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ମତ ଉପସ୍ଥାପନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



# ଭଞ୍ଜନଗର ପଞ୍ଚାୟତ ସମିତିର ତୃତୀୟ ସାଧାରଣ ଅଧିବେଶନ

ଭଞ୍ଜନଗର (ଭିଓଭି): ଭଞ୍ଜନଗର ପଞ୍ଚାୟତ ସମିତିର ତୃତୀୟ ସାଧାରଣ ଅଧିବେଶନର ସଭାଧ୍ୟକ୍ଷ ଶ୍ରୀ ନରୀସଭା ନାୟକଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୈଠକରେ ଯୋଗ ଦେଇଥିବା ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ନାୟକ, ଭଞ୍ଜନଗର, ବିଧାନ ସଭା, କନ୍ଧମାଳ ସାଂସଦ ପ୍ରତିନିଧି ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ଗୌଡ଼, ଭାରପ୍ରାପ୍ତ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଉମାଶଙ୍କର ବେହେରା, ଘୁମୁସର, ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ଏବଂ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ସ୍ୱାଗତ ଜଣାଇଥିଲେ ।
ଏହା ପରେ ସଭାଧ୍ୟକ୍ଷ ସମସ୍ତ ଜନପ୍ରତିନିଧି ମାନଙ୍କୁ ସ୍ୱାଗତ ଜଣାଇ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପୂର୍ବ ବୈଠକର ବିବରଣୀ ଶ୍ରୀମତୀ ପ୍ରିୟଦର୍ଶିନୀ ମଲ୍ଲିକ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଠନ କରିଥିଲେ । ସଭାରେ ବିଭିନ୍ନ ବିଭାଗରୁ ଯଥା ସହକାରୀ ଯନ୍ତ୍ରୀ ପାନୀୟ ଜଳ ଏବଂ ପରିମଳ ବିଭାଗ, ଭଞ୍ଜନଗର, ସ୍ୱାସ୍ଥ୍ୟ ଅଧିକାରୀ , ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗାଳେରୀ, ଗୋଷ୍ଠୀ କୃଷି ଅଧିକାରୀ, ଭଞ୍ଜନଗର, ସହକାରୀ ମତ୍ସ୍ୟ ଅଧିକାରୀ, ଭଞ୍ଜନଗର, ସହକାରୀ ଉଦ୍ୟାନ ଅଧିକାରୀ, ଭଞ୍ଜନଗର, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ, ଭଞ୍ଜନଗର, ସହକାରୀ ଯନ୍ତ୍ରୀ ବିଦ୍ୟୁତ୍ ଯୋଗାଣ ଓ ସହକାରୀ ଯନ୍ତ୍ରୀ କ୍ଷୁଦ୍ର ଜଳ ସେଚନ, ଭଞ୍ଜନଗର ଅଂଶଗ୍ରହଣ କରି ନିଜ ନିଜ ବିଭାଗର ଯୋଜନା ବିଷୟରେ ସବିଶେଷ ବିବରଣୀ ଦେଇଥିଲେ । ଏହା ପରେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ, ଭଞ୍ଜନଗର ବ୍ଲକ ଅନ୍ତର୍ଗତ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ସବିଶେଷ ବିବରଣୀ ଦେଇଥିଲେ । ସଭା ଶେଷରେ ସଭାଧ୍ୟକ୍ଷ ଶ୍ରୀ ନରୀସଭା ନାୟକ ଉପସ୍ଥିତ ମାନ୍ୟବର ବିଧାୟକ, ଭଞ୍ଜନଗର, କନ୍ଧମାଳ ସାଂସଦ ପ୍ରତିନିଧି, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ଅଧ୍ୟକ୍ଷ/ ଉପାଧ୍ୟକ୍ଷା, ସମସ୍ତ ସମିତି ସଭ୍ୟ/ସଭ୍ୟା, ସମସ୍ତ ସରପଞ୍ଚ ଏବଂ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀ, ବ୍ଲକ କର୍ମଚାରୀଙ୍କୁ ଉପସ୍ଥିତି ଓ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ ଘୋଷଣା କରାଗଲା । ଉକ୍ତ କାର୍ଯ୍ୟକ୍ରମର ସଂଯୋଜନାର ଦାୟିତ୍ୱ ଶ୍ରୀଯୁକ୍ତ ପ୍ରତାପ କୁମାର ସାହୁ, ଅତିରିକ୍ତ ପ୍ରୋଗ୍ରାମ ଅଫିସର ଏବଂ ଶ୍ରୀମତୀ ପ୍ରିୟଦର୍ଶିନୀ ମଲ୍ଲିକ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ନେଇଥିଲେ ।




# ସବୁ କ୍ଷେତ୍ରରେ ସରକାର ବିଫଳ: କଂଗ୍ରେସ

ଭୁବନେଶ୍ୱର,(ଭିଓଭି): ବିଧାନସଭାରେ ସରକାରଙ୍କୁ ଘେରିବା ପାଇଁ ପ୍ରସଙ୍ଗ ସ୍ଥିର କରିଛି କଂଗ୍ରେସ। ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ଅଧ୍ୟକ୍ଷତାରେ ବିଧାୟକମାନଙ୍କ ବୈଠକ ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଥିଲା। କେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଦଳ ପ୍ରାଥମିକତା ଭିତ୍ତିରେ ଗୃହରେ ଉଠାଇବ, ତାହାର ଯୋଜନା ପ୍ରସ୍ତୁତ ହୋଇଛି। ବାରବାଟୀରେ ଆନ୍ତର୍ଜାତିକ ମ୍ୟାଚ୍ ବେଳେ ଫ୍ଲଡ୍ ଲାଇଟ୍ ବନ୍ଦ ଯୋଗୁଁ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶା ନିନ୍ଦିତ ହେଲା। ଏହି ପ୍ରସଙ୍ଗକୁ କଂଗ୍ରେସ ବିଧାନସଭାରେ ଉଠାଇ ସରକାରଙ୍କୁ ଜବାବ ମାଗିବ। ମଣ୍ଡି ଅବ୍ୟବସ୍ଥା ପ୍ରସଙ୍ଗ ବି ଗୃହରେ ଉଠିବ। କଂଗ୍ରେସର ଅଭିଯୋଗ ହେଲା ବହୁ ମଣ୍ଡିରୁ ଧାନ ଉଠିପାରୁ ନାହିଁ। ସରକାର କଟ୍‌ନିଛଟ୍‌ନି ବନ୍ଦ କରାଯିବ ବୋଲି କହିଥିଲେ ମଧ୍ୟ ଏଫ୍‌ଏକ୍ୟୁ ମାନ ଆଳରେ ଆଖିବୁଜା କଟ୍‌ନିଛଟ୍‌ନି ଚାଲିଛି। ମଣ୍ଡି ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ।



ଚାଷୀଙ୍କର ଏହି ସମସ୍ୟାକୁ କଂଗ୍ରେସ ପ୍ରଭାବୀ ଢଙ୍ଗରେ ବିଧାନସଭାରେ ଉଠାଇବ। କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡ଼ାମ କହିଛନ୍ତି, ମାଗଣା ବିଜୁଳି ଦେବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ବି ଭୁଲିଗଲେ। ନୂଆ ସରକାର ଆସିଲା ପରେ ଏବେ ଦ୍ୱିତୀୟ ବଜେଟ୍ ଉପସ୍ଥାପନ ହେବ। କିନ୍ତୁ ରାଜ୍ୟରେ ବିକାଶମୂଳକ କାମ ଆରମ୍ଭ ହୋଇପାରୁନି। ୮ ମାସ ଭିତରେ ରାଜ୍ୟରେ ସବୁ କ୍ଷେତ୍ରରେ ଅବ୍ୟବସ୍ଥା ବଢ଼ିଚାଲିଛି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଭୁବନେଶ୍ୱରରେ ବି ଲୋକ ସୁରକ୍ଷିତ ନାହାନ୍ତି। ସରକାର ଅପରାଧକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। କଣାସରେ ହଇଜା ରୋକିବା, ଅନାହାର ରୋକିବାରେ ସରକାର ସମର୍ଥ ହୋଇନାହାନ୍ତି। ସାଧାରଣ ଜନତା ହିଁ ସରକାରଙ୍କ ଏଜେଣ୍ଡାରେ ନାହାନ୍ତି। ଏସବୁ ପ୍ରସଙ୍ଗରେ ସରକାରଙ୍କୁ ଜବାବ ମଗାଯିବ। ବିଧାୟକ ଦଳ ବୈଠକରେ ପ୍ରାୟ ୧୦ ଜଣ ବିଧାୟକ ଉପସ୍ଥିତ ଥିଲେ। ତେବେ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଅନୁପସ୍ଥିତ ଥିବା ଦେଖାଯାଇଥିଲା।

# ସମଗ୍ର ଦେଶରେ ପ୍ରଥମ: ଦଶମ ଓ ଦ୍ୱାଦଶରେ କିସ୍‌ରୁ ରେକର୍ଡ଼ ସଂଖ୍ୟକ ପରୀକ୍ଷାର୍ଥୀ

ଭୁବନେଶ୍ୱର, (ଭିଓଭି): ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାରେ କିସ୍‌ରୁ ରେକର୍ଡ଼ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। କିସ୍‌ର ୨୦୦୦ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ବେଳେ ୧୯୦୦ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେବେ। ଉଭୟ ଦଶମ ଓ +୨ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୬୦% ହେଉଛନ୍ତି ଛାତ୍ରୀ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପରୀକ୍ଷାର ଅବ୍ୟବହିତ ପୂର୍ବରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମ୍ପର୍କିତ ଆବଶ୍ୟକ ପରାମର୍ଶ ଦେବା ସହ ସେମାନଙ୍କୁ କଲମ ବଣ୍ଟନ କରିଥିଲେ। ଏହି ଅବସରରେ ସେ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିଥିଲେ। ଦଶମ ଶ୍ରେଣୀ ପିଲାଙ୍କ ପାଇଁ ୟୁନିଟ୍-୮ ଓ ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆଇଆରସି ଭିଲେଜସ୍ଥିତ ସରକାରୀ ହାଇସ୍କୁଲ ଓ ଚନ୍ଦ୍ରଶେଖରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରୀକ୍ଷା କେନ୍ଦ୍ର ହୋଇଛି।




ସେହିପରି +୨ ପରୀକ୍ଷାର୍ଥିଙ୍କ ନିମନ୍ତେ ରାଜଧାନୀ କଲେଜ ଓ ମହର୍ଷି କଲେଜ ଅଫ୍ ନାଚୁରାଲ୍ ଲ ପରୀକ୍ଷା କେନ୍ଦ୍ର ହୋଇଛି। ଆସନ୍ତା ୨୧ ତାରିଖରୁ ଦଶମ ବୋର୍ଡ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ୧୮ ତାରିଖରୁ +୨ ପରୀକ୍ଷା ଆରମ୍ଭ ହେଉଛି। ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ କିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପିଲାମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ପାଇଁ ୫୦ଟି ଲେଖାଏଁ ବସର ବ୍ୟବସ୍ଥା କରାଯାଇଛି।

## ଶିଳ୍ପସଂସ୍ଥାରୁ ବାହାରୁଥିବା ବିଷାକ୍ତ ପାଉଁଶକୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର, (ଭିଓଭି): ତାଳଚେର ଏକ ଶିଳ୍ପବହୁଳ ଅଂଚଳ ହୋଇଥିବାବେଳେ ଏଠାରେ ଜମି ଖଣିଦାନ ଯୋଗୁଁ ସଂକୀର୍ଣ୍ଣ ହେବା ସହ କୋଇଲା ଖଣି ଗୁଡ଼ିକରେ ବିରାଟ ବିରାଟ ଗର୍ତ କୋଇଲା ଉତୋଳନ ପରେ ପଡ଼ି ରହିଛି। କୋଇଲା ଖଣି ଓ ଜାତୀୟ ରାଜପଥରୁ ନିର୍ଗତ ଧୂଳିଧୂଆଁ ଏଠିକାର ଜନସାଧାରଣଙ୍କୁ ଅତିଷ୍ଠ କରୁଥିବାବେଳେ ଏନଟିପିସି ଓ ଜେଆଇଟିପିଏଲର ନିର୍ଗତ ପାଉଁଶ ଏଣେତେଣେ ବିଛାଉଥିବାରୁ ପରିବେଶକୁ ଆହୁରି ବିଷାକ୍ତ କରୁଛି ବୋଲି ଆଜି ସ୍ଥାନୀୟ ଗ୍ରାମର ଲୋକମାନେ ତାଳଚେର ଉପଜିଲ୍ଲାପାଳଙ୍କ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହି ସଂସ୍ଥା ଗୁଡ଼ିକରୁ ବାହାରୁଥିବା ପାଉଁଶ ରାସ୍ତା ବିଭିନ୍ନ ଜମି, ସରକାରୀ ଓ ବେସରକାରୀ ଖାଲି ସ୍ଥାନ ଗୁଡ଼ିକରେ ପକାଉଥିବାରୁ ଏହି ପାଉଁଶ ଉଡ଼ି ସାଧାରଣ ଲୋକଙ୍କୁ ଅତିଷ୍ଠ କରୁଥିବା ଅଭିଯୋଗ ହେଉଛି। ସରକାରଙ୍କ ନିୟମ ଅନୁଯାୟୀ ଏହି ପାଉଁଶକୁ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ଲାଗିବାର ପ୍ରବଧାନ ରହିଛି। କିନ୍ତୁ ଅସାଧୁ ପରିବହନ ସଂସ୍ଥଶ ଦଲାଲଙ୍କୁ



ଧରି ଉକ୍ତ ପାଉଁଶକୁ ରାସ୍ତାକାମରେ ନଲଗାଇ ସରକାରୀ ଓ ବେସରକାରୀ ସ୍ଥାନମାନଙ୍କରେ ପକାଯାଉଛି। ସାଧାରଣ ଭାବେ କଂସମୁଣ୍ଡା, ଗୋଡ଼ିବନ୍ଧ କଣିହାଁ, ଦୁମଦୁମା, ଆମ୍ବପାଳ, ଭୂଇଁପୁର, ଟାକୁଆ, ମଶାଣୀହୋତା, ବଲାଙ୍ଗି ଇତ୍ୟାଦି ଗ୍ରାମ ଗୁଡ଼ିକର ରାସ୍ତାଘାଟ ଓ ଖୋଲାମେଲାରେ ପକାଉଥିବାରୁ କଣିହାଁ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଯାହା ଫଳରେ ପ୍ରଦ୍ୟୁଷଣକୁ ଦ୍ୱିଗୁଣିତ କରିବା ସହ ବର୍ଷାଜଳରେ ଧୋଇହୋଇ ନଈନାଳରେ ପଶିବାସହ ଚାଷଜମିକୁ ନଷ୍ଟ କରୁଛି। ଏନେଇ ତାଳଚେର ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି କିଛି ଗ୍ରାମାବାସୀମାନେ ଲିଖିତ ଅଭିଯୋଗ କରିବା ସହ ଯଦି ଏହାର ସମାଧାନ ନହୁଏ ସେମାନେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ମିଳୁନି ବାର୍ଦ୍ଧକ୍ୟ ଭତ୍ତା : ବାରମ୍ବାର ଅଭିଯୋଗ ପରେ ମଧ୍ୟ ଶୁଣୁନି ପ୍ରଶାସନ

ଫିରିଙ୍ଗିଆ,(ଭିଓଭି): ବୟସର ଅପରାହ୍ନରେ ପହଞ୍ଚି ଥିଲେ ମଧ ଦମ୍ପତିଙ୍କୁ ମିଳିପାରୁନି ବାର୍ଦ୍ଧକ୍ୟ ଭତ୍ତା ଓ ଭତ୍ତା ଖଣ୍ଡିଏ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ଦଉଡି ଦଉଡି ନୟାନ୍ତ ହେଲେଣି ସିନା ଏହି ବୃଦ୍ଧ ଦମ୍ପତିଙ୍କ ଭତ୍ତା ହୋଇପାରୁନାହିଁ ଓ ରାଜ୍ୟ ସରକାର ଅସହାୟ ବୃଦ୍ଧ, ବିଧବା, ସ୍ୱାମୀ ପରିତ୍ୟକ୍ତା, ଭିନ୍ନକ୍ଷମମାନଙ୍କ ପାଇଁ ମଧୁବାବାବୁ ପେନସନ ଯୋଜନା କରିଛନ୍ତି ଓ କିନ୍ତୁ ଏହି ବୃଦ୍ଧ ଦମ୍ପତିଙ୍କୁ ଦେଖିଲେ ସତେ ଯେପରି ଲାଗୁଛି ସରକାରଙ୍କ ଏହି ଭତ୍ତା ଯୋଜନା କୋଉଠି ନା କୋଉଠି ଫେଲ ମାରିଛି ଓ ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସାଡୀଙ୍ଗିଆ ପଞ୍ଚାୟତ ଅଧୀନରେ ଥିବା ବାନ୍ଦାଦଣି ପଣ୍ଡାସରୁ ଗାଁରେ ଓ ତେବେ ଏହି ଗାଁର ଶନି ଦିଗାଲ ଓ ତାଙ୍କ ସ୍ତ୍ରୀ ଅଶୀନି ଦିଗାଲ ନିଜ ପରିବାର ସହ ରହି ଆସୁଛନ୍ତି। ବୃଦ୍ଧଙ୍କ ବୟସ ପାଖାପାଖି ୭୫ ବର୍ଷ ହେଇଥିବା ବେଳେ ତାଙ୍କ ସ୍ତ୍ରୀ ଙ୍କ ବୟସ ପାଖାପାଖି ୬୫ ବର୍ଷ ହେବ ଓ ଭତ୍ତା ପାଇବାର ବୟସ ହେବା



ପରେ ଉଭୟ ଦମ୍ପତି ଭତ୍ତା ପାଇଁ ବହୁବାର ଆବେଦନ ମଧ କରିଆସୁଛନ୍ତି କିନ୍ତୁ ଭତ୍ତା ହୋଇପାରୁନାହିଁ ଓ ସେପଟେ ବୃଦ୍ଧା ଙ୍କ ଭତ୍ତା ପାଇବାର ବୟସ ହୋଇସାରିଥିବାବେଳେ ତାଙ୍କ ସ୍ତ୍ରୀଙ୍କ ଭତ୍ତା ପାଇବାର ବୟସ ହୋଇଥିଲେ ମଧ୍ୟ ଆଧାର କାର୍ଡ ଅନୁଯାୟୀ ବୟସ ହେଉନଥିବାରୁ ଭତ୍ତାପାଇବାରୁ ବଞ୍ଚିତ ହୋଇ ରହିଛନ୍ତି । ସେପଟେ ପୁଅ ଝିଅ ମାନଙ୍କୁ ବାହା ସାହା କରିବା ପରେ ସମସ୍ତେ ଅଲଗା ଅଲଗା ରହୁଥିବାରୁ ଉଭୟ ବୃଦ୍ଧ ଦମ୍ପତି ଏକ ଝାଟିମାଟି ଘରେ ରହି ଆସୁଛନ୍ତି । ବର୍ତମାନ କେବଳ ସରକାରଙ୍କ ତରଫରୁ ଉଭୟଙ୍କୁ ମିଳୁଛି ଦଶ କିଲୋ ଚାଉଳ ଓ ସେପଟେ ଭତ୍ତା ମିଳୁନଥିବାରୁ ପେଟ ଚାଖଣ୍ଡେ ପାଇଁ ଏହି ବୁଢା ବୟସରେ ମଧ୍ୟ ମୂଳ ଲାଗିବା ପାଇଁ ବାଧ ହେଉଛନ୍ତି । ତେବେ ପ୍ରଶାସନ ଏହି ବୃଦ୍ଧ ଦମ୍ପତିଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କରିବା ଜରୁରୀ ହୋଇପଡିଥିବା ବେଳେ ଏହି ବୃଦ୍ଧ ଦମ୍ପତିଙ୍କୁ ଭତ୍ତା ଯୋଗାଇଦେବା ପାଇଁ ପାଖ ପଡୋଶୀଙ୍କ ସହ ଗ୍ରାମବାସୀ ମାନେ ମଧ୍ୟ ଦାବି କରିଛନ୍ତି ।

## ମନରେଗାରେ ଶ୍ରମିକଙ୍କ ସମସ୍ୟା ଲାଗି ଜିଲ୍ଲା ପାଳଙ୍କୁ ଦାବିପତ୍ର



ଛତ୍ରପୁର (ଭିଓଭି): ଓଡିଶା ମନରେଗା ଶ୍ରମିକ ୟୁନିଅନ ଗଞ୍ଜାମ ଜିଲା କମିଟି ପକ୍ଷରୁ ମନରେଗା ଶ୍ରମିକଙ୍କ ହାତକୁ କାମ, ସର୍ବନିମ୍ନ ମଜୁରୀ ଏବଂ ସମସ୍ତ ଅଧିକାରକୁ ପ୍ରଦାନ କରିବା ସଂପର୍କରେ ଗଞ୍ଜାମ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧରେ ଦୈନିକ ସର୍ବନିମ୍ନ ମଜୁରୀ ୭୦୦ ଟଙ୍କାକୁ ବୃଦ୍ଧି ଏବଂ ପରିବାରର ଦୁଇଜଣ ସଦସ୍ୟଙ୍କୁ ନିଶ୍ଚିତ କାମ, ବର୍ଷ ସାରା କାମ ଯୋଗାଇ ଦେବାର ସୁବ୍ୟବସ୍ଥା, ସର୍ବନିମ୍ନ ମଜୁରୀଠାରୁ କମ ପ୍ରଦାନ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ଓ ସାମାଜିକ ନିରାପତ୍ତା ପାଇଁ ସୁବ୍ୟବସ୍ଥା,୫୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଶ୍ରମିକଙ୍କ ପାଇଁ ମାସିକ ୧୦ ହଜାର ଟଙ୍କାର ପେନସନ, ଶ୍ରମିକ ବିରୋଧ ୪ ଗୋଟି ଶ୍ରମ ସଂହିତା ପ୍ରତ୍ୟାହାର, ସର୍ବନିମ୍ନ ମଜୁରୀରୁ ଆଜି ପର୍ଯ୍ୟନ୍ତ ହଡ଼ପ ହୋଇଥିବା ସମସ୍ତ ମଞ୍ଜୁରୀ ଟଙ୍କାକୁ ତୁରନ୍ତ ଏରିଅର କରି ଶ୍ରମିକଙ୍କୁ ପ୍ରଦାନ,କାମ କରିବାର ୭ ଦିନ ମଧରେ ଶ୍ରମିକଙ୍କ ମଜୁରୀ ପ୍ରଦାନ ଆଦି ରହିଛି।

## ପାଞ୍ଚ ବର୍ଷ ପୂର୍ବେ ନିର୍ମିତ ଅଙ୍ଗନବାଡି ଗୃହରେ ତାଲା, ଗ୍ରାମ କୋଠ ଘରେ ପଢୁଛନ୍ତି ପିଲା

ରଣପୁର (ଭିଓଭି): ନୟାଗଡ ଜିଲ୍ଲା ରଣପୁର ବ୍ଲକ୍ ଅନ୍ତର୍ଗତ, ବାଉଁଶଗଡ଼ ପଞ୍ଚାୟତ ଅଧୀନ ଲେମ୍ବୋଡ଼ି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରଟି ଉଦଘାଟନ ଫଳକ ସୂଚନା ଅନୁସାରେ, ଗତ ୨୮/୦୯/୨୦୨୦ ରେ ତତ୍କାଳୀନ ବିଡ଼ିଓ ପଞ୍ଚାନନ ପଟାୟତ, ବ୍ଲକ୍ ଅଧକ୍ଷା ନିରୁପମା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ବୈରିଗଞ୍ଜନ, କନିଷ୍ଠ ଯନ୍ତ୍ରୀ ସତ୍ୟ ରଂଜନ ନାୟକ, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ ପତ୍ର, ଗ୍ରାମ ରୋଜଗାର ସେବକ ନିରଞ୍ଜନ ପରିଡା, ସମିତି ସଭ୍ୟ ମନୋଜ କୁମାର ପାତ୍ରଙ୍କ ଜ୍ଞାତ ସାରରେ ପଞ୍ଚାୟତର ତତ୍କାଳୀନ ସରପଞ୍ଚ ଦିଲ୍ଲିପ କୁମାର ଜେନା ଉଦଘାଟନ କରିଥିଲେ । ସ୍ଥାନୀୟ ଜନ ସାଧାରଣଙ୍କ ଅଭିଯୋଗ ଅନୁସାରେ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରଟି ପ୍ରାୟ ଛଅ ଲକ୍ଷରୁ ଉର୍ଦ୍ଧ ରାଶିରେ ନିର୍ମିତ ହୋଇ ଥିବା ବେଳେ ବାଉଁଶଗଡ ପଂଚାୟତ ତତଫରୁ ଦୁଇ ଲକ୍ଷ ପଞ୍ଚସ୍ତରି ହଜାର ଟଙ୍କା ଅନୁଦାନ ରାଶିର ଖର୍ଚ୍ଚ



ଲେଖା (ଅଙ୍ଗନୱାଡ଼ି କେନ୍ଦ୍ର କାନ୍ଥରେ) ସ୍ଥାନୀୟ ଲେମ୍ବୋଡିର ଗ୍ରାମବାସୀ ମାନଙ୍କ ମନରେ ବାଟ ମାରଣା ସନ୍ଦେହ ବୃଦ୍ଧି କରିଛି। ଜନ ସାଧାରଣଙ୍କ ଅଭିଯୋଗ ଅନୁସାରେ ପ୍ରାୟ ଛଅ ମାସ ହେଲାଣି ଅଙ୍ଗନୱାଡ଼ି ଛାତ୍ର ଛାତ୍ରୀମାନେ ଗାଁ କୋଠ ଘରେ ପାଠ ପଢୁଛନ୍ତି କାରଣ ଅଙ୍ଗନୱାଡ଼ି କେନ୍ଦ୍ରଟିର ମୂଳଦୁଆ କାନ୍ଥ ଗୁଡ଼ିକ ଫାଟି ଆଁ କଲାଣି ଓ ଗୋଟେ ପଟ ଦବି ଗଲାଣି ଏବଂ କେତେବେଳେ ହେଲେବି ବଡ଼ ଧରଣର ଦୁର୍ଘଟଣାକୁ ଏଡ଼ାଇ ଦିଆ ଯାଇ ନପାରେ । ଏ ସଂକ୍ରାନ୍ତରେ ଗ୍ରାମବାସୀମାନେ ପୁର୍ବତନ ବିଡିଓ ଓ ସି ଡ଼ି ପି ଓ ଙ୍କୁ ଅବଗତ କରାଇବା ପରେ, କିଛି ଗ୍ରାମବାସୀଙ୍କ ସୂଚନା ସିଡିପିଓ ଙ୍କ ନିର୍ଦ୍ଦେଶରେ ପିଲାମାନଙ୍କ ନିରାପତ୍ତାକୁ ଦୃଷ୍ଟୀରେ ରଖି ସେ ଅଙ୍ଗନୱାଡ଼ି ଘରେ ପାଠ ନପଢେଇ ଗ୍ରାମ କୋଠ ଘରେ ପାଠ ପଢା ଚାଲିଛି । ଗ୍ରାମର କିଛି ବୁଦ୍ଧିଜୀବୀଙ୍କ ଅଭିଯୋଗ ଯେଉଁ ମାନେ ଏଭଳୀ ନିମ୍ନ ମାନର ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରି ଛନ୍ତି, ଯାହା ଫଳରେ ଆଜି ଛୋଟ ଛୋଟ ପିଲା ମାନେ ବସି ପଢିବା ପାଇଁ ଗୃହଟୀ ଅଯୋଗ୍ୟ ହୋଇଯାଇଛି । ସେମାନେ ଯଥା ଶୀଘ୍ର ତଦନ୍ତ ପରିସରଭୁକ୍ତ ହେବା ଦରକାର, ଏବଂ ତୁରନ୍ତ ମରାମତି କରାଯାଇ ଗୃହଟିକୁ କାର୍ଯ୍ୟକ୍ଷମ କରାଯାଉ ଓ ତତ୍କାଳିନ ଜେଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନୟାଗଡ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏ ଭଳି ସର୍ବସାଧାରଣଙ୍କ ପଇସାକୁ ଠିକ୍ ଭବରେ କାମରେ ନ ଲଗାଇ ହରିଲୁଟ କରିଥିବା ବ୍ୟକ୍ତି ବିଶେଷଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବି ମହଲରେ ଦାବୀ ହେଉଛି ।

## ରାଣୀପାର୍କ ଜଙ୍ଗଲ କେବେ ପାଇବ ଜବରଦଖଲକାରୀଙ୍କ ଠାରୁ ମୁକ୍ତି

# ତହସିଲ ଜ୍ଞାତରେ ଜବରଦଖଲକାରୀ

ତାଳଚେର,(ଭିଓଭି):ବହୁ ପୁରାତନ ରାଣିପାର୍କ ଜଙ୍ଗଲଟି କିଛି ସମାଜସେବୀ, କିଛି ସଂଗଠନ, ଗଣମାଧମ ପ୍ରତିନିଧିଙ୍କ ପ୍ରଚେଷ୍ଟାରେ ଜଙ୍ଗଲଟିର ପୁନରଉଦ୍ଧାର ପାଇ ଆସୁଥିବାବେଳେ ଏହି ଜଙ୍ଗଲଟି ପୁଣି ଏବେ ଜବରଦଖଲକାରୀଙ୍କ କବଜାକୁ ଚାଲି ଯାଉଥିବା ବେଳେ ଏଥିରୁ ବହୁ ମୂଲ୍ୟବାନ୍ ଗଛ କାଟି ନେଉଥିବା ଅଭିଯୋଗ ହେଉଛି। ଏହି ଐତିହ୍ୟ ସମ୍ପର୍ଣ୍ଣ ଅଂଚଳକୁ ଜମି ମାଫିଆମାନେ ଅତି ଚତୁରତାର ସହ ମାଡ଼ି ବସିଥିବା ବେଳେ ଏଠାରେ ସ୍ଥାନୀୟ ପ୍ରଶାସନ ନୀରବଦ୍ରଷ୍ଟ ସାଜିଛି। ଏହି ଜଙ୍ଗଲଟି ପୁନରୁଉଦ୍ଧାର ହେବାପରେ କୌଣସି ସୁରକ୍ଷା କର୍ମୀଙ୍କୁପ୍ରଶାସନ ପକ୍ଷରୁ ନିଯୁକ୍ତି ଦିଆଯାଇ



ନଥିବା ହେତୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ତାଳଚେର ପୌରପରିଷଦ ୪ନମ୍ବର ୱାର୍ଡ଼ ସିଂହସାହି ଅଂଚଳରେ ଲାଗି ରହିଥିବା ବିସ୍ତିର୍ଣ୍ଣ ରାଣୀପାର୍କ ଜମିକୁ କିଛି ତହସିଲ ଅଫିସର ଅସାଧୁ କର୍ମଚାରୀ ଓ ଜମି ଦଲାଲଙ୍କ ସଲାସୁତରାରେ ଏହି ସରକାରୀ ଜମିରେ କବଡ଼ବଡ଼ କୋଠାବାଡ଼ି ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ଆଉ କେହି ଗୃହନିର୍ମାଣ କରି ଭଡ଼ାଆକାରରେ ହଜାର ହଜାର ଟଙ୍କା ରୋଜଗାର କରୁଥିବା ବେଳେ ଆଉ କିଛି ଏହି ଜମିକୁ ଅକ୍ତିଆର କରି ଅନ୍ୟ ମାନଙ୍କୁ ମୋଟାଅଙ୍କରେ ବିକ୍ରି କରୁଥିବା ଚର୍ଚ୍ଚା ହେଉଛି। ଗତ କିଛି ଦିନ ହେବ କେତେକ ସଚେତନ ନାଗରୀକ ଏସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିଥିଲେ। ଏହାପରେ ଆରଆଇ ଆସି ଏହାର ସରଜମିନ୍ ତଦନ୍ତ କରି ଚାଲିଯିବା ପରେ ତା ପରଦିନ ଘର ନିର୍ମାଣ କାମ ବନ୍ଦ ରହିଥିଲା, କିନ୍ତୁ ଏବେ ପୁନରବାର ଜଙ୍ଗଲକାଟି ଘର ତିଆରି ହେଉଥିବା ଅଭିଯୋଗ ହେଉଛି। ତେଣୁ ଏହି ବହୁ ପୁରାତନ ରାଣୀପାର୍କ ଜଙ୍ଗଲଟି ଜବରଦଖଲକାରୀଙ୍କ ନିକଟରୁ କେବେ ପାଇବ ମୁକ୍ତି ଏହାକୁ ନେଇ ପରିବେଶବିତ ମାନେ ଚିନ୍ତାବ୍ୟକ୍ତ କରିବା ସହ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ଚର୍ତୁପାର୍ଶ୍ୱରେ ସୁରକ୍ଷା କର୍ମୀ ନିୟୋଜିତ କରିବା ସହ ରାସ୍ତାକୁ ଲାଗିଥିବା ସଂଲଗ୍ନ ଜଙ୍ଗଲ ଭିତରେ ରାସ୍ତା ନିର୍ମାଣ, ଆଲୋକୀକରଣ, ବନ୍ୟଜନ୍ତୁ ସୁରକ୍ଷା ଓ ସମ୍ପୂର୍ଣ୍ଣ ଜମିକୁ ଜବରଦଖଲକାରୀଙ୍କ ଠାରୁ ମୁକ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏପରିକି, କିଛି ମହିଳା ମଧ ଏନେଇ ତାଳଚେର ସଦରଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

# The Legacy of the Bangladesh Crisis



Swati Sagarika Das
BA LLB (2nd year)
School of Law, Centurion University
Email: 234610170004centurionuniv.edu.in
Mob- 7609003073

More than 130 people died in what was a "student protest against the quotas in government jobs". 56% of jobs were reserved for groups such as freedom fighter's families, women, and people from underdeveloped districts. This means only 44% of jobs are there which can be merit-based. And this system is also different from India because the majority reservation is not based on caste but on the freedom fighters.

Bangladesh was earlier a part of Pakistan, (East Pakistan). At that time, there was rampant social discrimination against East Pakistan. The majority of people spoke Bengali and only less than 10% of them spoke Urdu. But West Pakistan imposed the Urdu language on East Pakistan. Apart from this, there was economic discrimination 59% of the country's exports came from East Pakistan but only 25% of the industrial investment went to East Pakistan. In Nov 1970, when cyclone Bhola hit an estimated 3lakhs people died in East Pakistan. It was one of the deadliest tropical cyclones in the last century but West Pakistan didn't much effort to provide relief to the people there. Also, political discrimination in the 1970 election. East Pakistan had 162 seats and West Pakistan had 138 seats people of West Pakistan voted for different political parties and in East Pakistan overwhelming majority of votes went to the Awami League Party. Which was being led by 'Sheikh Mujibur Rehman'. As a result, this party was supposed to govern both East and West Pakistan but the military of West Pakistan did not want this at all or was not ready to give the power to leadership from East Pakistan. This led to demonstrations in Dhaka, which were met with a brutal crackdown and mass killing by the Pakistan military.

Agha Muhammad Yahya Khan (commander-in-chief) refused to accept the election result. Martial law was imposed on East Pakistan and in response, Sheikh Mujibur Rahman began a civil disobedience movement in protest. At the same time, West Pakistan's military committed large-scale atrocities (very cruel or Violent) against the people of East Pakistan. Sheikh Mujibur Rahman was arrested and thousands of people were killed. Genocide in East Pakistan about 10 million people had to take refuge in India.

We saw the Bangladesh Liberation War of 1971. This was the war where India helped Bangladesh get freedom under the Prime Ministership of Indira Gandhi. The freedom fighters who fought for freedom which made Bangladesh an independent country is relevant in the current situation because of this quota system.

This quota started after one year of independence in 1972 it was applicable for freedom fighters after 1997 the government extended the quota to children of freedom fighters. In 2010 the same 30% of jobs were reserved for the freedom fighters'children and grandchildren. 10% for women. 10% for backward districts. 5% for minorities. 1% for people with physical disabilities.

In an article by a 3rd-year studentstudying international relationsat Dhaka University - Fahim Farooqui also one of the protesters mentioned that.

"What do the anti-quota protesters want?

Claims that this protest is basically for the reformation of the quota system. Protesters want that other than the reservation for ethnic minorities and physical disabilities the government should remove all other reservations."

In Feb 2018, Bangladesh introduced a policy called Bangladesh Sadharon Chhatra Odhikar Songrokkhon Parishad. Its main agenda was to promote and protect general students' rights, reform quotes, and eliminate all types of discrimination in the recruitment of government employees. Even then there were clashes between the students who were against it and pro-quota. Under this pressure, in Oct 2018 Bangladesh government issued a circular the quota system would be removed for 1st and 2nd class jobs.

But in 2021, 7 students from Freedom Fighter'sfamilies filed a petition in the high court against the removal of this quota system. On 5th June 2021,the high court decided that the petitioner's argument was valid the government's circular was declared illegal and the quota system was reintroduced. This was the reason why protests began once more all over the country.

The students who were protesting claimed that this quota was unconstitutional. There is no mention of the future generation of freedom fightershaving reservations for jobs. After there have been allegations of corruption in the reservation. Since the independence of Bangladesh, the political party or the government Awami Party decides who is a freedom fighter or not this responsibility is taken by the government itself.

The protesters claim that the reservation of freedom fighters disproportionately benefits the people of the Awami League (undue benefit). For the names of the freedom fighters who have been included in the list at least 60000 objections have been raised against those names but these contestations have not been resolved by the government.

On July 10, 2024, this matter reached theSupreme Court, the government approached the SupremeCourtto appeal against the high court's order. The Supreme Court imposed a stay on the high court's order, but the protest didn't stop. Students, teachers as well as opposition parties join the protests. To face them they had more than 7000 paramilitary troops. Police use tear gas, rubber bullets, and sound grenades.

The United Nationssecretary-generalstated that "the government should refrain from using threats or violence against the protestors". There were also clashes between the protesters and Bangladesh's Students League (BSL) which is the student wing of Awami League Party. Bangladesh government says ready to hold talks with quota protesters, also they claim that they are trying to get an early hearing in the Supreme Court of the case. Under pressure from the students, the government formed a Judicial probe committee to investigate the incident of violence. The general secretary of the Awami Party said "We will not infer in quota matters the Supreme Court will give its decision.

After that Sheikh Hasina said twisted words which is why the protestors hated the freedom fighter "If the grandchildren of the freedom fighter do not get the reservation benefits should the grandchildren of Razakars get the benefits?". This was the same said by Dipu Moni (The social welfare) and the state minister of information and broadcasting.After all, it became a major crisis in Bangladesh ultimately leading to the resignation of Sheikh Hasina. The studentprotesters demanded jobs based on merit and not on quotas.

But that's not it these protests emerge at a critical juncture. Bangladesh was already facing massive unemployment and the inflation knew no bounds. A combination of various socio-economicissues, and broader pressure made worse by COVID-19. Persistent corruption, a lack of jobs and employment and other causes were enough to add fuel to the fire that Hasina's opponents have been making. Sheikh Hasina had to flee from Dhaka, Bangladesh along with her sister. Before the protestors stormed her official residence. She landed in India as a temporary refugee EAM Dr. S. Jaishankar spoke in the Rajya Sabha and confirmed that at very short notice, Sheikh Hasina requested approval to come for the moment to India. On July 21, 2024, the Supreme Court ordered that the quota for veteran's descendants be cut to 5% with 93% of jobs to be allocated on merits. The remaining 2% will be set aside for the members of ethnic minorities, transgender and disabled people.



# ମାଗଣା ରାଶନ ମିଳୁଥିବାରୁ ଲୋକେ କାମ କରିବାକୁ ଇଚ୍ଛୁକ ନୁହଁନ୍ତି : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, (ଭିଓଭି): ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ମାଗଣା ସୁବିଧା ଉପରେ ସୁପ୍ରିମକୋର୍ଟ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। କୋର୍ଟ ମାଗଣା ଘୋଷଣା କରିବାର ପ୍ରଥାକୁ ନିନ୍ଦା କରିଛନ୍ତି। କୋର୍ଟ କହିଛନ୍ତି ଯେ, ଲୋକମାନେ ମାଗଣା ରାଶନ ଏବଂ ଟଙ୍କା ପାଉଥିବାରୁ କାମ କରିବାକୁ ଇଚ୍ଛୁକ ନୁହନ୍ତି। ଜଷ୍ଟିସ ବି.ଆର. ଗାଭାଇ ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜ ମାସିହଙ୍କ ଖଣ୍ଡପୀଠ ଏହି ମନ୍ତବ୍ୟ ଦେଇଛନ୍ତି। ସହରାଞ୍ଚଳରେ ବାସହୀନ ବ୍ୟକ୍ତିଙ୍କ ଆଶ୍ରୟ ଅଧିକାର ସହିତ ଜଡ଼ିତ ଏକ ମାମଲାର ଶୁଣାଣି ଖଣ୍ଡପୀଠ କରୁଥିଲେ। ଜଷ୍ଟିସ ଗାଭାଇ କହିଛନ୍ତି ଯେ, ଦୁର୍ଭାଗ୍ୟର କଥା ଯେ, ଏହି ମାଗଣା ସୁବିଧା ଯୋଗୁ ଲୋକମାନେ କାମ କରିବାକୁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କୁ ମାଗଣା ରାଶନ ମିଳୁଛି। ସେମାନେ କୌଣସି କାମ ନକରି ଟଙ୍କା ପାଉଛନ୍ତି। ମାମଲାର ଶୁଣାଣି ୬ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ଆଟର୍ନି ଜେନେରାଲ ଆର. ଭେଙ୍କଟରମଣି ଖଣ୍ଡପୀଠକୁ କହିଥିଲେ ଯେ, କେନ୍ଦ୍ର ସରକାର ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମିଶନକୁ ଚୂଡ଼ାନ୍ତ କରିବା ପ୍ରକ୍ରିୟାରେ ଅଛନ୍ତି, ଯାହା ଅଧୀନରେ ସହରାଞ୍ଚଳରେ ବାସହୀନଙ୍କୁ ଆଶ୍ରୟ ପ୍ରଦାନ କରିବା ସମେତ ବିଭିନ୍ନ ପ୍ରସଙ୍ଗର ସମାଧାନ କରାଯିବ। ସହରାଞ୍ଚଳ



ଦାରିଦ୍ର୍ୟ ଦୂରୀକରଣ ମିଶନ କାର୍ଯ୍ୟକାରୀ କରିବାକୁ କେତେ ସମୟ ଲାଗିବ ତାହା କେନ୍ଦ୍ର ସରକାରଙ୍କୁ ପଚାରିବାକୁ ଖଣ୍ଡପୀଠ ଆଟର୍ଣ୍ଣି ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ମାମଲାର ଶୁଣାଣିକୁ ଛଅ ସପ୍ତାହ ପାଇଁ ସ୍ଥଗିତ ରଖିଛନ୍ତି। ହାଇକୋର୍ଟ ଆବେଦନ ଉପରେ ବିଚାର କରିବାକୁ ମନା କରିଦେଇଥିଲେ। ସେହି ସମୟରେ, ଦିଲ୍ଲୀ ହାଇକୋର୍ଟ ନି ନିର୍ବାଚନରେ ଭୋଟରମାନଙ୍କୁ ଟଙ୍କା ବଣ୍ଟନ କରିବାର ପ୍ରତିଶ୍ରୁତି ଉପରେ ଭାଜପା, ଆପ୍ ଏବଂ କଂଗ୍ରେସ ବିରୋଧରେ ଅବସରପ୍ରାପ୍ତ ବିଚାରପତି ଏସ୍ଏନ୍ ଧିଙ୍ଗରାଙ୍କ ଦ୍ୱାରା ଦାୟର ପିଆଇଏଲ ଉପରେ ବିଚାର କରିବାକୁ ମନା କରିଦେଇଥିଲେ। ବିଚାରପତି କହିଛନ୍ତି ଯେ, ଏପରି କାର୍ଯ୍ୟ ଦୁର୍ନୀତିପୂର୍ଣ୍ଣ ଆଚରଣ ସହିତ ସମାନ। ସଶକ୍ତ ସମାଜ ସଂଗଠନର ସଭାପତି ଜଷ୍ଟିସ ଧିଙ୍ଗରା ଏହି ଆବେଦନ ଦାଖଲ କରିଥିଲେ। ଏହା ଦିଲ୍ଲୀ ବିଧାନସଭା ନିର୍ବାଚନ ପରେ ଅଣାଯାଇଥିଲା, ଯାହା ଏବେ ସମାପ୍ତ ହୋଇଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ଓକିଲ ସୁରୁଚି ସୁରୀ କୋର୍ଟଙ୍କୁ କହିଥିଲେ ଯେ, ସୁପ୍ରିମକୋର୍ଟ ଅଶ୍ୱିନୀ କୁମାର ଉପାଧ୍ୟାୟ ମାମଲାରେ ମାଗଣା ସାମଗ୍ରୀ ପ୍ରସଙ୍ଗରେ ବିଚାର କରୁଛନ୍ତି। ସେ କହିଛନ୍ତି, ୨୦୨୩ ଆଦେଶ ସମ୍ପର୍କରେ ତିନି ଜଣ ବିଚାରପତିଙ୍କ ଏକ ଖଣ୍ଡପୀଠ ଗଠନ କରିବାର ଆବଶ୍ୟକତା ରହିଛି। ଏହା ଶୁଣି ମୁଖ୍ୟ ବିଚାରପତି ଅବସରପ୍ରାପ୍ତ ବିଚାରପତିଙ୍କ ଓକିଲଙ୍କୁ କହିଥିଲେ ଯେ, ସେ ସର୍ବୋଚ୍ଚ ନ୍ୟାୟାଳୟକୁ ଯାଆନ୍ତୁ ଏବଂ ସେଠାରେ ଏକ ପକ୍ଷ ଖୋଜନ୍ତୁ।

# ଇଭିଏମ୍ ତଥ୍ୟ ଡିଲିଟ୍ କରନାହିଁ

## ନିର୍ବାଚନ କମିସନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ (ଭିଓଭି): ଇଭିଏମ୍ ଯାଞ୍ଚ ସଂକ୍ରାନ୍ତ ଏକ ପିଟିସନ୍ ଉପରେ ଜବାବ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ କହିଛନ୍ତି। ଏହା ସହିତ ନିକଟରେ ହୋଇଥିବା ନିର୍ବାଚନ ସଂପର୍କିତ ତଥ୍ୟ ଇଭିଏମରୁ ନ ଲିଭାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ପକ୍ଷରୁ ଦାଖଲ କରାଯାଇଥିବା ଆବେଦନରେ ଦାବି କରାଯାଇଛି ଯେ ଇଭିଏମର ବର୍ନଟ୍ ମେମୋରି ଯାଞ୍ଚ ପାଇଁ ଏକ ସ୍ୱଷ୍ଟ ପ୍ରୋଟୋକଲ୍ ପ୍ରସ୍ତୁତ କରିବାକୁ ସୁପ୍ରିମ୍ କୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ମାର୍ଚ୍ଚ ପ୍ରଥମ ସପ୍ତାହରେ ଏହାର ଶୁଣାଣି ହେବ। ଅଦାଲତ ଏହା ମଧ କହିଛନ୍ତି ଯେ ନିର୍ବାଚନ ଆୟୋଗ ନିକଟରେ ନିର୍ବାଚନ ହୋଇଥିବା ସ୍ଥାନରୁ ଇଭିଏମର ଡାଟା ଡିଲିଟ୍ କରନ୍ତୁ ନାହିଁ କିମ୍ବା ସେଥିରେ ନୂତନ ଡାଟା ଲୋଡ୍ କରନ୍ତୁନାହିଁ।



ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ମାର୍ଚ୍ଚ ପ୍ରଥମ ସପ୍ତାହରେ ଏହାର ଶୁଣାଣି ହେବ। ଅଦାଲତ ଏହା ମଧ କହିଛନ୍ତି ଯେ ନିର୍ବାଚନ ଆୟୋଗ ନିକଟରେ ନିର୍ବାଚନ ହୋଇଥିବା ସ୍ଥାନରୁ ଇଭିଏମର ଡାଟା ଡିଲିଟ୍ କରନ୍ତୁ ନାହିଁ କିମ୍ବା ସେଥିରେ ନୂତନ ଡାଟା ଲୋଡ୍ କରନ୍ତୁ ନାହିଁ। ଗତବର୍ଷ ସୁପ୍ରିମ୍ କୋର୍ଟ ଦେଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଏହି ପିଟିସନରେ ଦର୍ଶାଯାଇଥିଲା। ଏହି ରାୟରେ ସୁପ୍ରିମକୋର୍ଟ ବ୍ୟାଲଟ୍ ପେପର ମାଧ୍ୟମରେ ନିର୍ବାଚନର ପୁରୁଣା ବ୍ୟବସ୍ଥାକୁ ପୁନରୁଦ୍ଧାର କରିବାକୁ ମନା କରିଦେଇଥିଲେ। ଏହାବ୍ୟତୀତ ସମସ୍ତ ଭିଭିପିଏଟି ସ୍ଲିପ୍ ଗଣନା ଦାବିକୁ ମଧ ଖଣ୍ଡପୀଠ ପ୍ରତ୍ୟାଖ୍ୟାନ କରିଥିଲେ। ତେବେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଏକ ସପ୍ତାହ ମଧ୍ୟରେ ଉନ୍ନତ ସ୍ୱଚ୍ଛତା ପାଇଁ ଇଭିଏମର ଜଳିଯାଇଥିବା ସ୍ମୃତିଯାଞ୍ଚ କରିବାକୁ କୋର୍ଟ ଅନୁମତି ଦେଇଥିଲେ। ମାର୍ଚ୍ଚ ୨୬, ୨୦୨୪ରେ ଦିଆଯାଇଥିବ। ଏହି ରାୟରେ ସୁପ୍ରିମ୍ କୋର୍ଟ କହିଥିଲେ ଯେ ଫଳାଫଳ ପ୍ରକାଶ ପାଇବାର ଏକ ସପ୍ତାହ ମଧ୍ୟରେ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନରେ ଥିବା ପ୍ରାର୍ଥୀ ପୁନଃ ଯାଞ୍ଚ ପାଇଁ ଅନୁରୋଧ କରିପାରିବେ। ଏଭଳି ସ୍ଥିତିରେ ଇଞ୍ଜିନିୟରଙ୍କ ଏକ ଟିମ୍ ଯେକୌଣସି ୫ମାଇକ୍ରୋକଣ୍ଟ୍ରୋଲରଙ୍କ ବର୍ନଟ୍ ମେମୋରୀ ଯାଞ୍ଚ କରିବେ। ଏହି ପରୀକ୍ଷାର ଖର୍ଚ୍ଚ ପ୍ରାର୍ଥୀଙ୍କୁ ବହନ କରିବାକୁ ପଡିବ । ଯଦି କୌଣସି ତ୍ରୁଟି ପ୍ରମାଣିତ ହୁଏ, ତେବେ ପ୍ରାର୍ଥୀଙ୍କୁ ଟଙ୍କା ଫେରସ୍ତ ମିଳିବ।

# ଆପାର୍ଟମେଣ୍ଟ ପଞ୍ଜିକରଣ ବିଜ୍ଞପ୍ତି

## ହାଇକୋର୍ଟଙ୍କ ରହିତାଦେଶ



କଟକ(ଭିଓଭି): ଆପାର୍ଟମେଣ୍ଟ ପଞ୍ଜିକରଣ ସମ୍ପର୍କିତ ବିଜ୍ଞପ୍ତି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ଗୃହ ଓ ନଗର ନିର୍ମାଣ ବିଭାଗ ଦ୍ୱାରା ଅଣାଯାଇଥିବା ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ପକ୍ଷରୁ ରହିତାଦେଶ ଜାରି ହୋଇଛି । ଗତ ଫେବ୍ରୁଆରି ପହିଲାରେ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ଜାରି କରାଯାଇଥିଲା । ବିଜ୍ଞପ୍ତି ଅନୁସାରେ ୨୦୧୭ ମସିହା ପୂର୍ବରୁ ନିର୍ମାଣ ସରିଥିବା ଆପାର୍ଟମେଣ୍ଟ ଗୁଡ଼ିକର ପଞ୍ଜିକରଣ ହେବ । ବିନା ଆପାର୍ଟମେଣ୍ଟ ଆଇନ୍ ଅନୁଯାୟୀ ଏହା କରିହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା । ଏହାକୁ ହାଇକୋର୍ଟଙ୍କ ଖଣ୍ଡପୀଠ ଗ୍ରହଣ କରିବା ସହିତ ସରକାରୀ ବିଜ୍ଞପ୍ତି ଉପରେ ରୋକ ଲାଗୁ କରିଛନ୍ତି। ଏହା ସହିତ ଆସନ୍ତା ବୁଧବାର ସୁଦ୍ଧା ଜବାବ ରଖିବା ଲାଗି ନଗର ଉନ୍ନୟନ ବିଭାଗକୁ ହାଇକୋର୍ଟଙ୍କ ଖଣ୍ଡପୀଠଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । ଆସନ୍ତା ବୁଧବାର ଫେବ୍ରୁଆରି ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି ।

# କେବଳ ଅସମର୍ଥ ବରିଷ୍ଠ ନାଗରିକଙ୍କୁ ଭରଣପୋଷଣ ଦେବେ ପୁଅ ଝିଅ : ହାଇକୋର୍ଟ

କଟକ, (ଭିଓଭି): କେବଳ ଜଣେ ବରିଷ୍ଠ ନାଗରିକ ହୋଇଗଲେ ସନ୍ତାନ ବା ସଂପର୍କୀୟଙ୍କ ନିକଟରୁ ଭରଣପୋଷଣ ପାଇବା ପାଇଁ ହକଦାର ହେବେ ନାହିଁ। ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ, ୨୦୦୭ ଅନୁସାରେ ଏଥିପାଇଁ ନିର୍ଦ୍ଦେଶ ପାଇ ପାରିବେ ନାହିଁ। କିନ୍ତୁ ଯଦି ବରିଷ୍ଠ ନାଗରିକ ଜଣକ ରୋଜଗାର କରିବାକୁ ଅସମର୍ଥ ଥିବେ ଅଥବା ତାଙ୍କର ଆୟର କୌଣସି ପନ୍ଥା ନଥିବ ତେବେ ସେ ଭରଣପୋଷଣ ପାଇବା ପାଇଁ ହକଦାର। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ପାଳନ ପୋଷଣରେ ଅସମର୍ଥ ବରିଷ୍ଠ ନାଗରିକଙ୍କୁ ଯଦି ତାଙ୍କ ସନ୍ତାନ ବା ସଂପର୍କୀୟ ଉପେକ୍ଷା କରୁଥିବେ ତେବେ ଏଭଳି କ୍ଷେତ୍ରରେ ଭରଣପୋଷଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇ ପାରିବ। ଜଷ୍ଟିସ୍ ଶଶିକାନ୍ତ



ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ରାୟ ଦେଇଛନ୍ତି। ଏଥିସହିତ ବାପାଙ୍କୁ ଭରଣପୋଷଣ ଦେବା ପାଇଁ ପୁଅକୁ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ଖାରଜ କରିଛନ୍ତି। ଭରଣପୋଷଣ ପ୍ରସଂଗରେ ପୁନର୍ବାର ଶୁଣାଣି କରିବା ଲାଗି ଟ୍ରିବୁନାଲ୍‌କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପକ୍ଷ ରଖିବାକୁ ଉଭୟପକ୍ଷଙ୍କୁ ଟ୍ରିବୁନାଲ୍ ସୁଯୋଗ ଦେବେ। ଏହି ଆବେଦନ ବିଚାରାଧୀନ ଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଆବେଦନକାରୀ ପୁଅଙ୍କ ତରଫରୁ ଜମା କରାଯାଇଥିବା ରାଶି ଟ୍ରିବୁନାଲ୍‌ରେ ମାମଲାର ଫଇସଲା ପର୍ଯ୍ୟନ୍ତ ସ୍ଥାୟୀ ଜମା ଭାବେ ରହିବ। ୧ ମାସ ଭିତରେ ଟ୍ରିବୁନାଲ୍ ମାମଲାର ଫଇସଲା କରିବେ। ଟ୍ରିବୁନାଲ୍‌ଙ୍କ ନିକଟରେ ଉଭୟ ବାପପୁଅ ଫେବ୍ରୁଆରି ୨୪ରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ କହିବା ସହିତ ଶୁଣାଣିରେ ଅନ୍ତ ଘଟାଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୬୯ ବର୍ଷୀୟ ବାପାଙ୍କୁ ପୁଅ ଘରୁ ବାହାର କରିଦେବା ସହିତ ପାଳନପୋଷଣ କରୁ ନଥିବା ଅଭିଯୋଗ ହୋଇଥିଲା। ପୀଡ଼ିତ ବାପା ୫ ହଜାର ଟଙ୍କା ମାସିକ ଭରଣପୋଷଣ ଦାବି କରି ରାୟଗଡ଼ା ଉପଜିଲ୍ଲାପାଳ ତଥା ଭରଣପୋଷଣ ଟ୍ରିବୁନାଲ୍‌ରେ ପୁଅ ବିରୋଧରେ ମାମଲା ରୁଜୁ କରିଥିଲେ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News


Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର